## ସଂକ୍ଷେପରେ

### ଉପକୂଳରେ ଶୀତୁଆ ସକାଳର ଆସର



ମହାକାଳପଡ଼ା,୨୧।୧୧ (ଡି.ଏନ୍.ଏ.) ଆରମ୍ଭ ହୋଇଛି ଶୀତ ଋତୁ। ପ୍ରଦୂଷିତ ପରିବେଶ ଯୋଗୁ ସହରାଞ୍ଚଳରେ ଆଉ ଆଗ ଭଳି ଶୀତୁଆ ସକାଳର ସେ ସୁନେଲି ସୂର୍ଯ୍ୟ ଦେଖିବାକୁ ମିଳୁ ନ ଥିଲେ ବି ଉପକୂଳ ଅଞ୍ଚଳବାସୀ ଏବେ ବି ଏହାର ମଜା ନେଉଛନ୍ତି। ଶୀତ ସକାଳୁ ଉଠି ଘର ପାଖରେ ଧୁନି ଜଳାଇ ନିଆଁ ପୋଉଥିବା ଦୃଶ୍ୟ ବି ଖୁବ୍ ନିଆରା। ଚଳିତ ବର୍ଷ ଡେରିରେ ହେଲେ ବି ଶୀତ ଆସିଥିବା ବେଳେ ମହାକାଳପଡ଼ା ବ୍ଲକରେ ଶୀତୁଆ ସକାଳର ଆସର ଜମୁଛି। ଘନ କୁହୁଡ଼ିରେ ମୁହଁ ଦେଖାଯାଉ ନଥିବା ବେଳେ ଚାଷୀମାନେ ଧାନ ଖେତରେ କାର୍ଯ୍ୟ କରିବା, ମତ୍ସ୍ୟଜୀବୀମାନେ ମାଛ ଧରିବା ଆଦି ଦୃଶ୍ୟ ବେଶ୍ ମନୋରମ ହେଉଛି।

### ସ୍ୱାଗତ ଉତ୍ସବ

**ପଟ୍ଟାମୁଣ୍ଡାଇ, ୨୦।୧୧ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକସ୍ଥିତ ମଦନପୁର ଯୁକ୍ତ ମହାବୀର କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ଉମେଶ ଚନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ସବ୍ୟସାଚୀ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଦିଲ୍ଲୀପ ମହାପାତ୍ର ମୁଖ୍ୟଅତିଥି, ସମାଜିକ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଗୌରାଙ୍ଗ ଚରଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭଲ ପାଠ ପଢି କଲେଜର ସୁନାମ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନୂତନ ଭାବେ ଯୋଗଦେଇଥିବା ଅଧ୍ୟାପିକା ରଶ୍ମିରାଣୀ ପ୍ରଧାନଙ୍କୁ ସ୍ୱାଗତ କରାଯାଇଥିଲା। ଅଧ୍ୟାପିକା କ୍ଷୀରୋଦୀନୀ ଧଳ ବାର୍ଷିକ ବିବରଣୀ ପାଠ କରିଥିଲେ।

■ ୩୦ଲକ୍ଷ ସରକାରୀ ଅର୍ଥ ବରବାଦ

# ଦିନକ ପାଇଁ ବି କାର୍ଯ୍ୟକ୍ଷମ ହେଲାନି ପାଣିଟାଙ୍କି

**ପାଟକୁରା, ୨୦।୧୧ (ଡି.ଏନ୍.ଏ.)**

ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ସକାଶେ ସରକାରଙ୍କ ତହବିଲରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଅନେକ ସ୍ଥାନରେ ଏବେ ବି ଲୋକମାନେ ବିଶୁଦ୍ଧ ପାଣି ପାଇପାରୁ ନ ଥିବା ଦେଖାଯାଉଛି। ଗରଦପୁର ବ୍ଲକ କଲୋନୀରେ ଗତ ୫ବର୍ଷ ତଳେ ନିର୍ମାଣ କରାଯାଇଥିବା ପାଣି ଟାଙ୍କି ଲୋକଙ୍କ କାମରେ ଲାଗୁନି। ୩୦ ଲକ୍ଷ ଟଙ୍କା ବ୍ୟୟରେ ୧ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏହି ଟାଙ୍କି ନିର୍ମାଣ ହୋଇଥିଲେ ବି ଗୋଟିଏ ଦିନ ବି କାମରେ ଲାଗିପାରିଲାନି। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଏହି ଟାଙ୍କିରୁ ଗରଦପୁର ଗ୍ରାମର ୪୦୦ ପରିବାର, ବ୍ରହ୍ମପୁରର ୪୫୦, ମେଳକର ୮୦, ଭଦାଳୋର ୧୫୦ ପରିବାର ସମେତ ଗରଦପୁର ବ୍ଲକ କାର୍ଯ୍ୟାଳୟକୁ ପାଣି ଯୋଗାଇ ଦିଆଯିବା ପାଇଁ ଯୋଜନା ଥିଲା। ଏଥିସହ ତହସିଲ୍ ଅଫିସ୍, ସବ୍‌ରେଜିଷ୍ଟ୍ରି ଅଫିସ୍, ସେସୁ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ, କ୍ରେଡିଟ୍ କୋଅପରେଟିଭ ବ୍ୟାଙ୍କ, ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ୍, ଶିଶୁ ମନ୍ଦିର ଓ ହାଟକୁ ମଧ୍ୟ ଏହି ଟାଙ୍କିରୁ ପାଣି ଯୋଗାଇ ଦିଆଯାଇଥାନ୍ତା। ଏହିସବୁ ସ୍ଥାନକୁ ପାନୀୟ ଜଳ ଯୋଗାଣ ନିତ୍ୟାନ୍ତ ଆବଶ୍ୟକ ଥିବା ବେଳେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପାଣିଟାଙ୍କି କାର୍ଯ୍ୟକ୍ଷମ ହୋଇ ନ ପାରିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଟାଙ୍କିର ଭଲ୍‌ବ କାମ କରୁନାହିଁ ବୋଲି ଦାୟିତ୍ୱରେ ଥିବା କର୍ମଚାରୀମାନେ କହିଛନ୍ତି। ନିର୍ମାଣଗତ ତ୍ରୁଟି ଯୋଗୁ ଏହା କାର୍ଯ୍ୟକ୍ଷମ ହୋଇପାରୁ ନାହିଁ ବୋଲି କନିଷ୍ଠଯନ୍ତ୍ରୀ ନିର୍ମଳ ଜେନା କହିଛନ୍ତି। ହେଲେ ଦୀର୍ଘ ୫ବର୍ଷ ତଳୁ ନିର୍ମାଣ ସରିଥିଲେ ବି ଏହି ନିର୍ମାଣଗତ ତ୍ରୁଟି ସୁଧାରିବାକୁ ବିଭାଗୀୟ କର୍ତ୍ତୃପକ୍ଷ ଚେଷ୍ଟା କରୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।



ଅଚଳ ହୋଇ ରହିଥିବା ପାଣିଟାଙ୍କି।

# ୨୯ଦିନ ହେବ ଯୁବକଙ୍କ ପତ୍ତା ମିଳୁନି

■ ସମ୍ପର୍କୀୟଙ୍କ ଘରୁ ମିଳିଲା ବାଇକ୍, ମୋବାଇଲ୍ ଓ ଅନ୍ୟ ସାମଗ୍ରୀ

■ ଭୁବନେଶ୍ୱରରେ ରହି ଖୋଜୁଛନ୍ତି ପରିବାର ଲୋକେ



**ଭୁବନେଶ୍ୱର, ୨୦।୧୧ (ବ୍ୟୁରୋ)** ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରା ସାହିରୁ ଜଣେ ଯୁବକ ରହସ୍ୟଜନକ ଭାବେ ନିଖୋଜ ହୋଇଯାଇଛନ୍ତି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ୍ ପ୍ରହରାଜପୁର ଗ୍ରାମର କୃଷ୍ଣଚନ୍ଦ୍ର ବାରିକଙ୍କ ପୁଅ ସୁବୋଧ ଓରଫ ତପନ(୩୮)। ବେହେରା ସାହିସ୍ଥିତ ସମ୍ପର୍କୀୟଙ୍କ ଘରୁ ତାଙ୍କର ବାଇକ୍, ମୋବାଇଲ୍ ଫୋନ୍, ବ୍ୟାଗ୍ ଓ ପୋଷାକପତ୍ର ଆଦି ମିଳିଥିଲେ ମଧ୍ୟ ୨୯ଦିନ ହେବ ତାଙ୍କର ପତ୍ତା ମିଳୁନି। ପରିବାର ଲୋକେ ଭୁବନେଶ୍ୱର ଆସି ଥାନାରେ ଅଭିଯୋଗ କରିବା ସହ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଛନ୍ତି। ପୋଲିସ ଏନେଇ ଏକ ନିଖୋଜ ମାମଲା (ନଂ.୭୯/୧୯) ରୁଜୁ କରି ଅନୁସନ୍ଧାନ ଚଳାଇଛି। ପୋଲିସ ସମ୍ପର୍କୀୟଙ୍କୁ ଡାକି ପଚରାଉଚରା କରିବା ସହ ବିଭିନ୍ନ ଥାନାକୁ ସୂଚନା ଦେଇଛି। ତାଙ୍କ ସମ୍ପର୍କରେ ସୂଚନା ପାଇଲେ ନୟାପଲ୍ଲୀ ଥାନା ନଂ.୦୬୭୪୨୫୫୬୬୬୮ରେ ଯୋଗାଯୋଗ କରିବାକୁ କୁହାଯାଇଛି। ତେବେ କେଉଁ ପରିସ୍ଥିତିରେ ତପନ ସମ୍ପର୍କୀୟଙ୍କ ଘରେ ନିଜ ମୋବାଇଲ୍ ଫୋନ୍, ଗାଡ଼ି, ପର୍ସ ଛାଡ଼ି ପଳାଇଲେ ନା ତାଙ୍କ ସହ ଅନ୍ୟ କିଛି ଘଟଣା ଘଟିଲା ତାହାର ତଦନ୍ତ କରି ପୁଅକୁ ଖୋଜି ଦେବାକୁ ମାଆ ପୋଲିସକୁ ନିବେଦନ କରିଛନ୍ତି।

ରାଜ୍ୟସ୍ତରୀୟ ଶରତ କୁମାର ଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଆଳିକୁ ୩-୦ ଗୋଲରେ ହରାଇଲା କଟକ



ଅତିଥିଙ୍କ ଗହଣରେ ଉଭୟ ଟିମ୍‌ର ଖେଳାଳିମାନେ।

**ଆଳି,୨୦।୧୧ (ଡି.ଏନ୍.ଏ.)**

ଆଳି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ରାଜ୍ୟସ୍ତରୀୟ ୧୪ତମ ଶରତ କୁମାର ଦେବ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ବୁଧବାର ଥିଲା ଷଷ୍ଠ ଦିବସ। ଏହି ଅବସରରେ ଆଳି ଆଥ୍‌ଲେଟିକ ଆସୋସିଏଶନ ଓ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ତେବେ ଆଳିକୁ ୩-୦ ଗୋଲରେ ହରାଇ କଟକ ବିଜୟୀ ହୋଇଛି। ଆଳି ଥାନା ଆଇଆଇସି ସଲିଳ କୁମାର ପ୍ରଧାନ, ଶରତ ଦେବ ମେମୋରିଆଲ ଟ୍ରଷ୍ଟର ସମ୍ପାଦକ ଭୀଷ୍ମ ମହାନ୍ତି ଓ ସଭାପତି ମନୋରଞ୍ଜନ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସୁବ୍ରତ ପୁରୋହିତ, ପ୍ରଦୀପ ଦାସ, ସୁଦୀପ ଦାସ ଓ ଶିବପ୍ରସାଦ ମଲିକ ମ୍ୟାଚ୍ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ସୁଶାନ୍ତ କୁମାର ମଲିକ ସହଯୋଗ କରିଥିଲେ।

# ଭାଙ୍ଗିଲା କୁନ୍ଦୁପୁର-ଜମ୍ବୁ ରାସ୍ତା ସଂକୃପା କଲଭର୍ଟ

**ପଟ୍ଟାମୁଣ୍ଡାଇ, ୨୦।୧୧ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ବିଲିକଣା ପଞ୍ଚାୟତ ସଂକୃପା ନିକଟରେ କୁନ୍ଦୁପୁର-ଜମ୍ବୁ ରାସ୍ତାର କଲଭର୍ଟ ମଙ୍ଗଳବାର ଅପରାହ୍ଣରେ ଭାଙ୍ଗିଯାଇଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ପଟ୍ଟାମୁଣ୍ଡାଇ, ରାଜନଗର ଓ ମହାକାଳପଡ଼ା ବ୍ଲକର ହଜାର ହଜାର ଲୋକଙ୍କ ଯାତାୟାତ ବ୍ୟାହତ ହୋଇଛି। ୧୯୯୮ରେ ନିର୍ମିତ ଏହି କଲଭର୍ଟ ଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ଗତ ୬ ମାସ ହେଲା କଲଭର୍ଟର ଉପରି ଭାଗରେ ଫାଟ ହୋଇଥିବା ବେଳେ ୩ଟି ସ୍ଥାନ ଭାଙ୍ଗି ଯାଇଥିଲା। ସେହି ସ୍ଥାନରେ ଆଉ ଏକ ନୂତନ କଲଭର୍ଟ ନିର୍ମାଣ କରିବା ପାଇଁ ୩ଟି ବ୍ଲକର ଅଧିବାସୀମାନେ ଦାବି କରି ଆସୁଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ନୂତନ କଲଭର୍ଟ ନିର୍ମାଣ ହୋଇ ନ ଥିବା ବେଳେ ମଙ୍ଗଳବାର ଅପରାହ୍ଣରେ କଲଭର୍ଟଟି ତଳକୁ ଦବି ଫାଟ ସୃଷ୍ଟି ହୋଇଛି। ରାସ୍ତା ଉପର ଦେଇ ଗାଡ଼ିମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ବେଳେ ଲୋକମାନେ ଚାଲିଚାଲି ଯା'ଆସ କରିବାକୁ ସୁରକ୍ଷିତ ମଣୁନାହାନ୍ତି। ଏହି କଲଭର୍ଟ ଦେଇ କୁନ୍ଦୁପୁରଠାରୁ ମହାକାଳପଡ଼ା ବ୍ଲକ ଜମ୍ବୁ ପର୍ଯ୍ୟନ୍ତ ବସ୍ ଚଳାଚଳ କରୁଥିବା ବେଳେ ଲୋକେ ଯାତାୟାତ ସୁବିଧା ପାଉଥିଲେ। ତେବେ ଲୋକମାନଙ୍କ ଯାତାୟାତ ସୁବିଧା ପାଇଁ ସେହି ସ୍ଥାନରେ ଏକ ନୂତନ କଲଭର୍ଟ ନିର୍ମାଣ ପାଇଁ ମହାକାଳପଡା ବ୍ଲକ ଜମ୍ବୁ, ସୁନୀତି ପଞ୍ଚାୟତର ସରପଞ୍ଚ ଧରିତ୍ରୀ ଲେଙ୍କା, ଗଗୁଆ ସରପଞ୍ଚ ଦୁଃଖି ମଲିକ, ସରପଞ୍ଚ ସଂଘମିତ୍ରା ସ୍ୱାଇଁ, ରାଜନଗର ବ୍ଲକର କୋଇଲିପୁର ସରପଞ୍ଚ ରଶ୍ମିତା ପ୍ରତିହାରୀ ଓ ପଟ୍ଟାମୁଣ୍ଡାଇ ବ୍ଲକର ବିଲିକଣା ସରପଞ୍ଚ ବିଜୟ କୁମାର ରାଉତ, ଓଉପଦା ସରପଞ୍ଚ ସୁବାସ ଖଟୁଆଙ୍କ ସମେତ ସାଧାରଣ ଲୋକେ ଦାବି କରିଛନ୍ତି।



କଲ୍‌ଭର୍ଟ ଭୁଶୁଡ଼ି ପଡ଼ିଛି।

### ଯୋଗାଯୋଗ ବିଚ୍ଛିନ୍ନ



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୧ ନଭେମ୍ବର, ୨୦୧୯



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ୨୨ରେ ଜିଲାପାଳ ଅଫିସ ଘେରିବ କଂଗ୍ରେସ

ଯାଜପୁର ଟାଉନ,୨୦।୧୧(ଡିଏନଏ): ଜିଲା କଂଗ୍ରେସ ପକ୍ଷରୁ ଆସନ୍ତା ୨୨ତାରିଖ ଜିଲାପାଳଙ୍କ ଅଫିସ ଘେରାଉ କରାଯାଇ ଗଣଧାରଣା ଦିଆଯିବ ବୋଲି ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ବିଭିନ୍ନ କ୍ଷେତ୍ରରେ ବିଫଳ ହୋଇଛନ୍ତି । ଦେଶରେ ଚରମ ଅର୍ଥନୈତିକ ମାନ୍ଦାବସ୍ଥା ସୃଷ୍ଟି ହେବା ସହିତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ମୂଲ୍ୟବୃଦ୍ଧି, ସରକାରୀ ଓ ବେସରକାରୀ କ୍ଷେତ୍ରରେ ନିଯୁକ୍ତି କାଟ ମଧ ବଢ଼ିଛି। ଦୀର୍ଘଦିନ ହେଲା ଏହି ସମସ୍ୟା ଜାରି ରହିଥିବାବେଳେ ଏନ୍‌ଡିଏ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏଥିନେଇ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ରାଉତଙ୍କ ଅଧକ୍ଷତାକ୍ରମେ ଏହି ବୈଠକରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ଜ୍ଞାନଦେବ ବେହୁରା ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ବିପୁଳ ସଫଳ କରିବା ପାଇଁ ଉପସ୍ଥିତ ବରିଷ୍ଠ କଂଗ୍ରେସ ନେତା, ସଂଗଠକ ଓ ନିର୍ବାଚନ ମଣ୍ଡଳୀଗୁଡ଼ିକରେ ପ୍ରାର୍ଥୀ ହୋଇଥିବା ନେତୃବୃନ୍ଦଙ୍କୁ ଆହ୍ୱାନ ଦେଇଥିଲେ। ଗତ ସାଧାରଣ ନିର୍ବାଚନରେ ଲୋକସଭା ଆସନ ପାଇଁ ପ୍ରାର୍ଥୀ ହୋଇଥିବା ମାନସ ଜେନା, ଯାଜପୁର ବିଧାନସଭା ଆସନର ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ, କୋରେଇର ବନ୍ଦିତା ପରିଡା, ବିଞ୍ଝାରପୁରର ମନୋରଞ୍ଜନ ଦାସ, ବଡଚଣାର ଅଜୟ ସାମଲ, ବରୀର ଉମେଶ ଜେନା, ଜିଲା କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ ଓ ବଳଭଦ୍ର ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଅନ୍ତ୍ୟୋଦୟ ଚାଉଳ ହଡ଼ପ ଅଭିଯୋଗ

ବରୀ,୨୦।୧୧(ସ୍ୱ.ପ୍ର.): ବରୀ ବ୍ଲକ ଅଧୀନ ଅଙ୍ଗାଲୋ ପଞ୍ଚାୟତରେ ମୃତବ୍ୟକ୍ତିଙ୍କୁ ଜୀବିତ ଦର୍ଶାଇ ଅନ୍ତ୍ୟୋଦୟ ଚାଉଳ ହଡପ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀ ବହୁବାର ଯୋଗାଣ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରି ନ ଥିବା କହିଛନ୍ତି। ପ୍ରକାଶ ଯେ, ଏହି ପଞ୍ଚାୟତ ଅଙ୍ଗାଲୋ ଗ୍ରାମର ଭକ୍ତହରି ମଲ୍ଲିକଙ୍କ ସ୍ତ୍ରୀ କନକଲତା ୬ବର୍ଷ ହେବ ମୃତ୍ୟୁବରଣ କରିଛନ୍ତି। ହେଲେ ଏବେ ବି ସରକାରୀ ଖାତାରେ ତାଙ୍କୁ ଜୀବିତ ଦର୍ଶାଇ ଚାଉଳ ଉଠାଣ କରାଯାଉଛି। ସେହିପରି ଗ୍ରାମର ଯୁଗଳ ସାମଲଙ୍କ ପୁଅ ତାରିଣୀ ୨ବର୍ଷ ହେବ ମୃତ୍ୟୁବରଣ କରିଥିବାବେଳେ ତାଙ୍କ ନାମରେ ମଧରେ ଚାଉଳ ଉଠାଣ ହେଉଛି। ଏସବୁକିଛି ଡିଲର ଏବଂ ପରିବାର ଲୋକଙ୍କ ଜାଣତରେ କରାଯାଉଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ଯୋଗାଣ ବିଭାଗ ନିରୀକ୍ଷକ ପ୍ରଫୁଲ୍ଲ ବେହେରାଙ୍କୁ ପଚାରିବାରୁ, ଅଭିଯୋଗ ମିଳିଛି ଖୁବ୍‌ଶୀଘ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଡିଏମ୍‌ଏଫ୍ ପାଣ୍ଠିର ଦୁରୁପଯୋଗ

# ଅଣଖଣି ଅଞ୍ଚଳରେ ହେଉଛି ଖର୍ଚ୍ଚ

ଯାଜପୁର ଅଫିସ,୨୦।୧୧

ଖଣି ଅଞ୍ଚଳର ବିକାଶ ନିମନ୍ତେ ସରକାର ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠି ଗଠନ କରିଛନ୍ତି। ଏହି ପାଣ୍ଠି ଖଣି ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ରହିଛି। ମାତ୍ର ଯାଜପୁର ଜିଲା ପ୍ରଶାସନର ସଲାସୁତୁରାରେ ଡିଏମ୍‌ଏଫ୍ ପାଣ୍ଠିକୁ ଅଣଖଣି ଅଞ୍ଚଳରେ ବେଆଇନ ଭାବେ ବିନିଯୋଗ କରାଯାଉଥିବା ଜଣାପଡ଼ିଛି। ଯାହାଦ୍ୱାରା ରତ୍ନଗର୍ଭା ସୁକିନ୍ଦା ବ୍ଲକ କାଳିଆପାଣି ଖଣି ଅଞ୍ଚଳ ପ୍ରାୟ ସମସ୍ତ କ୍ଷେତ୍ରରେ ଅବହେଳିତ ହୋଇପଡ଼ିଛି। ଏନେଇ ଖଣି ଖାଦାନ ଭରା ଅଞ୍ଚଳର ଲୋକଙ୍କ ମନରେ ବିଦ୍ରୋହ ଦେଖା ଦେଇଛି। ବହୁଚର୍ଚ୍ଚିତ ନଗଡ଼ାର ଜୁଆଙ୍ଗ ଆଦିବାସୀଙ୍କ ସମେତ ଖଣି ଅଞ୍ଚଳ ସୁରକ୍ଷା ମଞ୍ଚ ପକ୍ଷରୁ ଆସନ୍ତା ୨୫ ତାରିଖରେ ଆନ୍ଦୋଳନ ଡାକରା ଦିଆଯାଇଛି। ତେବେ ଇତିମଧ୍ୟରେ ଡିଏମ୍‌ଏଫ୍ ପାଣ୍ଠିରେ ଜିଲାର ଅଣଖଣି ଅଞ୍ଚଳରେ ୯କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ଦୁଇଟି ଆଦର୍ଶ ବିଦ୍ୟାଳୟ ନିର୍ମାଣ ହେଉଛି। ସମ୍ପୃକ୍ତ ଅଞ୍ଚଳର ଶିକ୍ଷାର ବିକାଶ କ୍ଷେତ୍ରରେ ଏହା ନିଶ୍ଚିତ ଭାବେ ସହାୟକ ହେବ। ହେଲେ ଖଣି ପ୍ରଭାବିତ ଅଞ୍ଚଳରେ ଏବେ ବି ୧୦୦ରୁ ଉର୍ଦ୍ଧ୍ୱ ଗ୍ରାମକୁ ରାସ୍ତା ସଂଯୋଗ ହୋଇ ପାରିନାହିଁ। ଏହାବାଦ ପାନୀୟ, ସ୍ୱାସ୍ଥ୍ୟ ଓ ଶିକ୍ଷା ଭଳି ସମସ୍ୟା ଲାଗି ରହିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ବିଦ୍ରୋହ ଦେଖାଦେବା ସ୍ୱାଭାବିକ ବୋଲି ମତପ୍ରକାଶ ପାଉଛି। ଖଣି ଓ ଶିଳ୍ପାୟନ ରାଜ୍ୟବାସୀଙ୍କ ଆର୍ଥିକ ଅଭିବୃଦ୍ଧି ସହ ପାରିପାର୍ଶ୍ୱିକ ଉନ୍ନୟନ ଘଟାଇବ ବୋଲି କୁହାଯାଉଛି। ସେଥିପାଇଁ ଖଣି ସମେତ ଶିଳ୍ପାୟନ ଯୋଗୁ ଜମିହରା ଓ ପ୍ରଭାବିତ ଅଞ୍ଚଳବାସୀଙ୍କ ଥଇଥାନ ତଥା ପ୍ରଦୂଷଣଜନିତ କ୍ଷୟକ୍ଷତିର ଭରଣା ପାଇଁ ପାରିପାର୍ଶ୍ୱିକ ଉନ୍ନୟନ କଥା ଉଠୁଛି। ଏହିକ୍ରମରେ ଖଣି ଓ ଖଣିଜ ପଦାର୍ଥ ପ୍ରଶାସନିକ ପରିଚାଳନା ପାଇଁ ମାଇନ୍ସ ଓ ମିନେରାଲ ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ ଆକ୍ଟ ୧୯୫୭କୁ ୨୦୧୫ମସିହାରେ ସଂଶୋଧନ କରାଯାଇଛି। ଏହି ଆଇନର ସବ୍‌ସେକ୍ସନ ୧ଧାରା ୯(ବି)ରେ ଜିଲାସ୍ତରରେ ଡିଏମ୍‌ଏଫ୍ ଗଠିତ ହୋଇଛି। ଗତ ୫ବର୍ଷ ମଧ୍ୟରେ ଡିଏମ୍‌ଏଫ୍ ବାବଦକୁ ୮୬୯.୫୬ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ଖର୍ଚ୍ଚ ପ୍ରାୟ ୨୦୦ କୋଟି ଟଙ୍କା ହୋଇଛି। ଏହି ପାଣ୍ଠିରୁ ନଗଡ଼ାକୁ ରାସ୍ତା ଖୋଲିଥିଲେ ମଧ ଆଶାନୁରୂପ ସରକାରୀ ସୁବିଧା ପାଇବାରୁ ଏବେ ବି ନଗଡାବାସୀ ବଞ୍ଚିତ ରହୁଛନ୍ତି। ଅନ୍ୟପକ୍ଷେ ନଗଡ଼ାକୁ ବାଦଦେଲେ ଡିଏମ୍‌ଏଫ୍ ପାଣ୍ଠିରୁ ଅନ୍ୟ କୌଣସି ଗ୍ରାମକୁ ରାସ୍ତା ସଂଯୋଗ ହୋଇ ପାରି ନ ଥିବା ସୂଚନା ମିଳିଛି। ଏହି ପାଣ୍ଠିରୁ ପାନୀୟ ଜଳ ଓ ଭିତ୍ତିଭୂମିକୁ ଅଧିକ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ବିଡ଼ମ୍ବନା ଯେ, ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ପାଣ୍ଠିରୁ ଜିଲାରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ହୋଇଥିଲେ ହେଁ ଡିଏମ୍‌ଏଫ୍ ପାଣ୍ଠିରେ ରସୁଲପୁର ବ୍ଲକ ନଠୁଆବର ଗ୍ରାମ ପଞ୍ଚାୟତ କୃଷ୍ଣପଡ଼ାଠାରେ ଏକ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଯାଉଛି। ଏଥିପାଇଁ ସମୁଦାୟ ୪୮୧.୮୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ବଡ଼ଚଣା ବ୍ଲକ ବଡ଼ଚଣା ମୌଜାରେ ଡିଏମ୍‌ଏଫ୍ ପାଣ୍ଠିର ୫୬୦.୯୬ କୋଟି ଟଙ୍କାରେ ଏକ ଆଦର୍ଶ ବିଦ୍ୟାଳୟ ନିର୍ମାଣାଧିନ ରହିଛି। ଖଣି ପ୍ରଭାବିତ ଅଞ୍ଚଳବାସୀ ଓ ଜନ ପ୍ରତିନିଧିମାନେ ଡିଏମ୍‌ଏଫ୍ ପାଣ୍ଠିରେ ଖଣି ଅଞ୍ଚଳର ରାସ୍ତା, ପାନୀୟ ଜଳ ଓ ମୌଳିକ ଭିତ୍ତିଭୂମି ଉନ୍ନତି ପାଇଁ ପ୍ରସ୍ତାବ ଦେଇ ଆସୁଛନ୍ତି। ହେଲେ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ପରିବର୍ତ୍ତେ କେଉଁ ଉଦ୍ଦେଶ୍ୟରେ ଡିଏମ୍‌ଏଫ୍ ଗାଇଡଲାଇନର ଉଲ୍ଲଂଘନ କରାଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାବାଦ ୨୦୧୬ ମସିହାରେ କଳରଙ୍ଗି ପଡିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିଏମ୍‌ଏଫ୍ ପାଣ୍ଠିରେ ୩ଟି ବୃହତ୍ ପ୍ରକଳ୍ପ ଡିଏମ୍‌ଏଫ୍ ହାଉସ, ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ ଓ ବିଜୁ ପଟ୍ଟନାୟକ ଷ୍ଟାଡିୟମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ହେଲେ ଏଯାଏ ଏହି ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ। ଯାହାକି ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି । ଏଥିରୁ ବିଦ୍ରୋହ ଓ ଅସନ୍ତୁଷ୍ଟ ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ଏହି ଗୁରୁତର ସମସ୍ୟାର ସମାଧାନ ନ କଲେ ଆହୁରି ଜନ ଅସନ୍ତୋଷ ତୀବ୍ରତର ହେବ ବୋଲି ଖଣି ଅଞ୍ଚଳ ସୁରକ୍ଷା ମଞ୍ଚର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି । ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି ଖଣି ପ୍ରଭାବିତ ଅଞ୍ଚଳରେ ଡିଏମ୍‌ଏଫ୍ ପାଣ୍ଠି ଅଧିକ ବିନିଯୋଗ କରିବାକୁ ନିର୍ଦ୍ଧାରଣ କରାଯାଇଛି । ଏ ସଂକ୍ରାନ୍ତରେ ଡିଏମ୍‌ଏଫ୍ କମିଟି ସଭ୍ୟବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରାଯିବ ।



■ନିର୍ମାଣ ହେଉଛି ୨ଆଦର୍ଶ ବିଦ୍ୟାଳୟ
■୯୧୮.୪୨ କୋଟି ଟଙ୍କା ବ୍ୟୟବରାଦ
■ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ

### ଆରଟିଓଙ୍କ ଚଢାଉ: ୨ବସ୍, ୨ଟ୍ରକ ଜବତ



ଚଣ୍ଡିଖୋଲ,୨୦।୧୧(ଡି.ଏନ.ଏ)

ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ଲାଲମୋହନ ସେଠୀଙ୍କ ନେତୃତ୍ୱରେ ମଙ୍ଗଳବାର ରାତ୍ରିରେ ଜାତୀୟ ରାଜପଥ ଉପରେ ତନଖି କରାଯାଉଥିଲା। ଏହି ସମୟରେ ଓଡିଶାରୁ କଲିକତା ଅଭିମୁଖେ ଯାଉଥିବା ଦୁଇଟି ବସକୁ ସେ ଜବତ କରିଛନ୍ତି। ସେମାନଙ୍କର ଆନ୍ତଃ ରାଜ୍ୟ ପରିମିଟ ନ ଥିଲାବେଳେ ଦୀର୍ଘଦିନ ହେବ କଲିକତା ଯାତାୟାତ କରୁଥିଲେ। ଜବତ ବସ୍ ୨ଟି ହେଲା ଲୋକନାଥ (ଓଆର୧୭ କେ ୯୮୫୫) ଓ ଦାଶ ବସ (ଡବ୍ଲୁ ବି ୭୬ଏ ୪୩୨୪)। ସେହିଭଳି ଓଭରଲୋଡ କରି ଯାଉଥିବା ଓଡି୦୧ଏକ୍ସ୩୨୫୧ ଓ ଓଡି୦୧ଏଏ୨୯୧୭ ନାମକ ଦୁଇଟି ଟ୍ରକକୁ ଆରଟିଓ ଜବତ କରିଛନ୍ତି। ଜବତ ଟ୍ରକ୍ ଓ ବସ୍‌କୁ ମଙ୍ଗଳବାର ରାତ୍ରିରୁ ଆଣି ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ରଖା ଯାଇଥିଲାବେଳେ ୨ଲକ୍ଷ ୭୬ହଜାର ଟଙ୍କାର ଜରିମାନା ହୋଇପାରେ ବୋଲି ଆରଟିଓ ସେଠୀ ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ ସଞ୍ଜିତ୍ ମେମୋରିଆଲ କ୍ରିକେଟ୍

# ହାଇକୋର୍ଟ ବାର୍ ଆସୋସିଏଶନ ବିଜୟୀ



ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ଚଣ୍ଡିଖୋଲ,୨୦।୧୧(ଡି.ଏନ.ଏ)

ରାଜ୍ୟସ୍ତରୀୟ ସଞ୍ଜିତ୍ ମେମୋରିଆଲ କ୍ରିକେଟ୍ ବଡ଼ଚଣା ବ୍ଲକ ଗୁଲଜାରନଗର ପାଟଣା ଖେଳ ପଡ଼ିଆଠାରେ ବୁଧବାର ୨ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳା ଯାଇଥିଲା। ଏଥିରେ ପ୍ରଥମେ କଟକସ୍ଥିତ ବୋର୍ଡ଼ ଅଫ୍ ରେଭିନ୍ୟୁ ୨୦ ଓଭର ଖେଳି ୬ ୱିକେଟ ବିନିମୟରେ ୧୫୨ ରନ ସଂଗ୍ରହ କରିଥିଲା। ଏହାର ପିଛା କରି ହାଇକୋର୍ଟ ବାର ଆସୋସିଏଶନ ୧୬.୫ ଓଭରରେ ୪ ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଏଥିରେ ସରୋଜ ବେହେରା ସର୍ବାଧିକ ୪୭ରନ ସଂଗ୍ରହ କରି ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଆଶୁତୋଷ ପାଣି ଓ ପ୍ରାଣନାଥ ଜେନା ଖେଳ ପରିଚାଳନା କରିଥିଲେ। ସ୍କୋରରଭାବେ ବିଶ୍ୱରଞ୍ଜନ ଦାସ ଏବଂ ସୁଶୀଲ କୁମାର ସୁନ୍ଦରାୟ ଯୋଗ ଦେଇଥିଲେ। ଚଣ୍ଡିଖୋଲ ବନପାଳ ଶଶୀକାନ୍ତ ବେହେରା ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଗୁରୁବାର ଏହି ଖେଳ ପଡ଼ିଆରେ ଯାଜପୁରର ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ଓ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

### ନାବାଳିକାଙ୍କ ବିବାହ ବନ୍ଦ କଲା ପୋଲିସ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୨୦।୧୧(ଡି.ଏନ.ଏ/ସ୍ୱ.ପ୍ର)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଲଙ୍ଗୁଳି ମଠ ପରିସରରେ ବୁଧବାର ନାବାଳିକାଙ୍କ ବିବାହ ଆୟୋଜନ ଚାଲିଥିଲା। ଖବରପାଇ ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିବାହ ବନ୍ଦ କରିଥିଲେ। ଏଥିସହ ବୟସ ନ ହେବା ପର୍ଯ୍ୟନ୍ତ ବିବାହ କରିପାରିବେ ନାହିଁ ବୋଲି ନାବାଳିକାଙ୍କ ପିତାମାତାଙ୍କଠାରୁ ଲିଖିତ ପ୍ରତିଶ୍ରୁତି ପାଇଲା ପରେ ଛାଡ଼ିଥିଲେ। ସୂଚନା ଥାଉକି, ଏହି ଥାନା କଳାଶ୍ରୀ ଗ୍ରାମର ବଇରା ଦଳେଇଙ୍କ ପୁଅ ରାଜା ଦଳେଇ (୨୪)ଙ୍କ ସହିତ ତାଲୁଆ ବାଲିକୁଦା ଗ୍ରାମର ଜଣେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଏହି ପ୍ରେମ ସମ୍ପର୍କକୁ ନେଇ ଉଭୟ ପରିବାର ବିବାହ କରିବାକୁ ରାଜି ହୋଇଥିଲେ। ପରିବାରର ସହମତିରେ ବୁଧବାର ଲଙ୍ଗୁଳି ମଠ ପରିସରରେ ବିବାହ ପାଇଁ ଆୟୋଜନ ଚାଲିଥିଲାବେଳେ ବାଲିଚନ୍ଦ୍ରପୁର ଥାନାଧିକାରୀ ସୁକାନ୍ତ କୁମାର ପାତ୍ର ଓ ବାଲିଚନ୍ଦ୍ରପୁର ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ କୁସୁମ ମହାରଣା ଘଟଣାସ୍ଥଳରେ ପହଞ୍ଚି ବିବାହକୁ ବନ୍ଦ କରିଥିଲେ।

### ସମବାୟ ସପ୍ତାହ ଆଲୋଚନା ଚକ୍ର, କର୍ମଶାଳା

ଯାଜପୁର ଟାଉନ,୨୦।୧୧(ଡିଏନଏ)

ଜିଲାସ୍ତରୀୟ ସମବାୟ ସପ୍ତାହ ଆଲୋଚନା ଚକ୍ର ଓ କର୍ମଶାଳା ବୁଧବାର ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ ଯୋଗଦେଇ ସମବାୟ ଆନ୍ଦୋଳନ ସମାଜର ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ୧୯୦୪ ମସିହାରୁ ସର୍ବପ୍ରଥମେ ଏହାର ସୂତ୍ରପାତ ହୋଇ ଆଜିପର୍ଯ୍ୟନ୍ତ ବିଭିନ୍ନ ଉନ୍ନତିରେ ସହାୟକ ହୋଇଆସିଛି। ବିଶେଷ କରି କୃଷି, ଗୋପାଳନ, କୁକୁଡା ପାଳନ, ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ବିବିଧ ଉତ୍ପାଦନ ଓ ସ୍ୱାବଲମ୍ବନଶୀଳତା ପାଇଁ ସମବାୟର ସହଯୋଗ ଆଜି ଆର୍ଥିକ ବ୍ୟବସ୍ଥାକୁ ମଜବୁତ କରିଛି ବୋଲି କହିଥିଲେ। ସର୍ବନିମ୍ନ ସୁଧହାରରେ ଋଣ ପ୍ରଦାନ କରାଯାଇ ଯୁବ ଓ ଦୁର୍ବଳବର୍ଗ ମହିଳାଙ୍କୁ ଆତ୍ମନିର୍ଭରଶୀଳ ପାଇଁ ସହାୟକ କରାଯାଇଛି। ଏଣୁ ପ୍ରତ୍ୟେକ ଯୋଜନା ସମ୍ପର୍କରେ ସଚେତନ ହୋଇ ଏହାର ସୁଫଳ ହାସଲ ପାଇଁ ଧଳ ଅନୁରୋଧ କରିଥିଲେ। ଏହି ଆଲୋଚନାଚକ୍ରରେ ଜିଲା ସମବାୟ ସମିତିର ସହକାରୀ ନିବନ୍ଧକ ଶରତ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ସହକାରୀ ଯୋଗାଣ ଅଧିକାରୀ ପ୍ରହ୍ଲାଦ ସେଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଅଧକ୍ଷ ଆଦିକନ୍ଦ ଜେନା ପ୍ରମୁଖ ଯୋଗଦେଇ ସମବାୟର ସ୍ଥିତି, ସମାଜପ୍ରତି ଅବଦାନ ଓ ସାଧାରଣ ଲୋକଙ୍କ ପାଇଁ ଥିବା ସୁବିଧା ସୁଯୋଗ ଉପରେ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ଜିଲାର ସମସ୍ତ ପ୍ୟାକ୍ସ ସଭାପତି, ସମ୍ପାଦକ, ଏଆରସିଏସ୍ କର୍ମଚାରୀମାନେ ଯୋଗ ଦେଇଥିଲେ।



ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥି।

### ୨୩ରୁ କେଡିଏମ୍ କ୍ରିକେଟ ଟୁର୍ନାମେଣ୍ଟ

ଧର୍ମଶାଳା,୨୦।୧୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ କଳ୍ପତରୁ ଦାସ୍ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ୨୩ ତାରିଖରୁ ଆରମ୍ଭ ହୋଇ କେଡିଏମ କ୍ରିକେଟ ଟୁର୍ନାମେଣ୍ଟ ଜାନୁୟାରୀ ୧୯ରେ ଶେଷ ହେବ। ଏ ନେଇ ବୁଧବାର ଜାରକାସ୍ଥିତ ଆଇଟିଆଇ ପରିସରରେ ଏକ ଖବରଦାତା ସମ୍ମିଳନୀରେ କେଡିଏମ୍ ତଥା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ସୂଚନା ଦେଇଛନ୍ତି। ଏହି ଟୁର୍ନାମେଣ୍ଟରେ ଧର୍ମଶାଳା, ରସୁଲପୁର ଓ ବରୀ ବ୍ଲକର ୭୩ ପଞ୍ଚାୟତର ଯୁବ ଖେଳାଳି ଅଂଶଗ୍ରହଣ କରିବେ, ଏଥିଲାଗି କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଟ୍ରଫି ଉନ୍ମୋଚନ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ। ଏହି ଅବସରରେ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ଟ୍ରଫି ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଥିବା ଅଧକ୍ଷ ବଳବନ୍ତରାୟ ସୂଚନା ଦେଇଛନ୍ତି। ଏଥିସହ ପ୍ରତିଯୋଗିତାରେ ଭାଗ ନେଉଥିବା ୭୩ ଟିମ୍‌କୁ ୬ ଜୋନ୍‌ରେ ବିଭକ୍ତ କରାଯାଇଛି। ୨୩ରୁ ଉଦ୍‌ଘାଟନୀ ମ୍ୟାଚ୍‌ରେ ଜୋନ୍‌ସ୍ତରୀୟ ପ୍ରଥମ ମ୍ୟାଚ କଳ୍ପତରୁ ଦାସ ଷ୍ଟାଡିୟମରେ ଅନୁଷ୍ଠିତ ହୋଇ ୨୯ ତାରିଖରେ ଶେଷ ହେବ, ଏଥିରେ ୧୩ଟି ମ୍ୟାଚ୍ ଖେଳାଯିବ। ସେହିପରି ଅତଳାପୂର ଖେଳ ପଡ଼ିଆଠାରେ ୨୯ ତାରିଖରୁ ୧୦ଟି ମ୍ୟାଚ୍ ଖେଳାଯାଇ ଡିସେମ୍ବର ୩ରେ ଶେଷ ହେବ, କୋଟପୁର ଖେଳ ପଡିଆରେ ଡିସେମ୍ବର ୫ରୁ ୭ ମଧ୍ୟରେ ୭ ମ୍ୟାଚ୍ ଖେଳାଯିବ । ଗଡ଼ମଧୁପୁର ଖେଳ ପଡ଼ିଆରେ ଡିସେମ୍ବର ୧୦ରୁ୧୬ ମଧ୍ୟରେ ୧୪ ମ୍ୟାଚ୍, କୃଷ୍ଣପଡ଼ା ଖେଳ ପଡ଼ିଆରେ ଡିସେମ୍ବର ୧୮ରୁ ୨୩ ମଧ୍ୟରେ ୧୨ଟି, ବଡ଼ କାଏମା ଖେଳ ପଡିଆରେ ୨୬ରୁ ୨୯ ମଧ୍ୟରେ ୭ଟି ମ୍ୟାଚ ଖେଳାଯିବ। ଏଥି ମଧ୍ୟରୁ ଶ୍ରେଷ୍ଠ ୧୦ ଟିମ୍ ଜାନୁୟାରୀ ୫ରୁ ୧୬ ମଧ୍ୟରେ ୨୦ଟି ମ୍ୟାଚ୍ ଖେଳାଯିବ। ଜାନୁୟାରୀ ୧୮ରେ ୨ ସେମିଫାଇନାଲ ଓ ୧୯ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ଏବଂ ଜାନୁୟାରୀ ୧୨ରେ ବିଧାୟକ ଓ ସରକାରୀ ଅଧିକାରୀଙ୍କ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବା ନେଇ ଖବରଦାତା ସମ୍ମିଳନରେ ସୂଚନା ଦିଆଯାଇଛି। ପୂର୍ବତନ ବ୍ଲକ ଉପାଧକ୍ଷ ଜଳଧର ମହାନ୍ତି , ବିଜେଡି ମିଡିଆ ସେଲ ଅଧକ୍ଷ ସଂଗ୍ରାମ ଜେନା, ରଶ୍ମି ରଞ୍ଜନ ରାୟ, ଅଜୟ ନାୟକ, ପ୍ରଫୁଲ ସାହାଣୀ, ଅକ୍ଷୟ ନାୟକ, ସବ୍ୟଶାଚୀ ସୁନ୍ଦରାୟ, ପ୍ରତାପ ପ୍ରଧାନ, ନିର୍ମଳ ପ୍ରଧାନ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ବିଧାନସଭା ପ୍ରଶ୍ନକାଳରେ ସୁକିନ୍ଦା ବିହନ ଫାର୍ମ

# ପୁନରୁଦ୍ଧାର ପାଇଁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି

ଯାଜପୁର ଅଫିସ,୨୦।୧୧

ଯାଜପୁର ଜିଲା ସୁକିନ୍ଦା ବିହନ ଫାର୍ମକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ବିଧାନସଭାରେ କୃଷି ମନ୍ତ୍ରୀ ଅରୁଣ ସାହୁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାନସଭାର ପ୍ରଶ୍ନକାଳରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ବିହନ ଫାର୍ମର ପୁନରୁଦ୍ଧାର କରିବାକୁ ଦାବି କରିଥିଲେ। ୨୦୧୬ ଜୁଲାଇ ୨୩ତାରିଖରେ ନ୍ୟାଶନାଲ ସିଡ୍‌ସ କର୍ପୋରେଶନର ୧୫ ବର୍ଷିଆ ଚୁକ୍ତିନାମା ଅନୁସାରେ ୧୦୮.୦୬ ହେକ୍ଟର ଚାଷ ଜମିରେ ଡାଲି ଏବଂ ତୈଳବୀଜ ବିହନ ଉତ୍ପାଦନ କରିବା କଥା। କିନ୍ତୁ ଗତ ୩ବର୍ଷ ମଧ୍ୟରେ ବିଭିନ୍ନ ଠିକା ସଂସ୍ଥା ଦ୍ୱାରା ନ୍ୟାଶନାଲ ସିଡ୍‌ସ କର୍ପୋରେଶନ ବିହନ ଉତ୍ପାଦନ କରିବାକୁ ଉଦ୍ୟମ କରିଛି। ଏହି ସମୟରେ ସୁକିନ୍ଦା କୃଷି ଫାର୍ମରେ କାମ କରୁଥିବା କୃଷକ ଏବଂ ଶ୍ରମିକଙ୍କ ସଂଖ୍ୟା ହ୍ରାସ ପାଇଛି । ଏବେ ଏହି ଫାର୍ମଟି ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଛି। ତେଣୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ସୁକିନ୍ଦା ବିହନ ଫାର୍ମକୁ ଅଚଳ ହେବାକୁ ଦିଅନ୍ତୁ ନାହିଁ ବୋଲି କୃଷିମନ୍ତ୍ରୀଙ୍କୁ ପ୍ରଶ୍ନକାଳରେ ସୁକିନ୍ଦା ବିଧାୟକ ପ୍ରସ୍ତାବ ଦେଇଥିଲେ। ଏହାର ଉତ୍ତରରେ କୃଷି ମନ୍ତ୍ରୀ ସାହୁ କହିଥିଲେ ରାଜ୍ୟର ୯ଟି ସରକାରୀ ଫାର୍ମ ମଧ୍ୟରେ ସୁକିନ୍ଦା ଫାର୍ମ ନାହିଁ । ୫ଟି ସରକାରୀ ଉଦ୍ୟାନ କୃଷି ଫାର୍ମ ଏବଂ ୪ଟି କୃଷି ଫାର୍ମ ଅଚଳ ହୋଇପଡିଛି ବୋଲି ମନ୍ତ୍ରୀ ସାହୁ କହିଥିଲେ। ଯଦି ଏହା ମଧ୍ୟରେ ସୁକିନ୍ଦା ଫାର୍ମ ସ୍ଥିତି ଖରାପ ହୋଇଛି, ତାହାର ପୁନରୁଦ୍ଧାର କରିବାକୁ ସରକାର ପଦକ୍ଷେପ ନେବେ ବୋଲି ବିଧାନସଭାରେ ସେ ଉତ୍ତର ରଖିଛନ୍ତି।

ସୂଚନାଯୋଗ୍ୟ ଯେ, ୧୯୪୮ରେ ଓଡ଼ିଶା ସରକାରଙ୍କ କୃଷିବିଭାଗ ତରଫରୁ ଦାମୋଦରପୁରଠାରେ ଏହି ଫାର୍ମ ଆରମ୍ଭ ହୋଇଥିଲା। ଫାର୍ମରେ ଉତ୍ତମ ମାନର ବିହନ ପ୍ରସ୍ତୁତ କରିବା ସହ ସ୍ଥାନୀୟ ଅଞ୍ଚଳର କୃଷକଙ୍କୁ କୃଷିକାର୍ଯ୍ୟରେ ସହାୟତା ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ ଥିଲା। ହେଲେ କୃଷି ଶ୍ରମିକଙ୍କ ପାଇଁ ଏହି ଫାର୍ମ କୌଣସି କାମରେ ଲାଗୁନାହିଁ । ଏଠାରେ ୧୭୨ ହେକ୍ଟର ଚାଷ ଯୋଗ୍ୟ ଜମି ରହିଛି। ହେଲେ ପ୍ରାୟ ୧୦୦ ହେକ୍ଟର ଜମିରେ ଚାଷକାର୍ଯ୍ୟ କରାଯାଉଛି। ଏହି ଫାର୍ମରେ ସ୍ଥାନୀୟ ଅଞ୍ଚଳର ମଙ୍ଗଳପୁର, ଦାମୋଦରପୁର, କୁହିକା, ପୁବଳ, କଞ୍ଚିଆ, ଜେମାଦେଇପୁର, ବନ୍ଧଗାଁ, ମାନତିରା, ନଟିସାହି, ଆମ୍ବପାଳ, ରାଙ୍କିଆ, କୋଇଲୋ, ପିମ୍ପୁଡିଆ, ବଉଳପାଳ, ଇଚ୍ଛାପୁର, ଗୋଡିସାହ, ମୁଳଖମ୍ବ ଆଦି ଗ୍ରାମର ଶତାଧିକ ଶ୍ରମିକଙ୍କୁ କର୍ମ ନିଯୁକ୍ତି ମିଳିଥାଏ। ସେସବୁ କାର୍ଯ୍ୟପାଇଁ ବିଶେଷକରି ମହିଳାଙ୍କୁ ନିୟୋଜନ କରାଯାଏ। ଫାର୍ମ ଆରମ୍ଭରେ ମୁଗ, ବିରି, କୋଳଥ, ଚିନାବାଦାମ, ମକା, ବାଜେରା, ନଳିତା ସହ ଧାନଚାଷ ଏବଂ ସୋରିଷ, ରାଶି ଭଳି ଅନ୍ୟାନ୍ୟ ଫସଲ କରାଯାଉଥିଲା। ଏହିକାର୍ଯ୍ୟରେ ମଧ ୧୦୦ରୁ ଉର୍ଦ୍ଧ୍ୱ ବଳଦ ନିୟୋଜିତ ହେଉଥିଲେ। କିନ୍ତୁ ୧୯୯୦ ପରଠାରୁ ବଳଦମାନଙ୍କୁ ବିକ୍ରି କରି ସେମାନଙ୍କ ସ୍ଥାନରେ ଟ୍ରାକ୍ଟର ବ୍ୟବହାର ହୋଇଥିବାରୁ ବହୁ ଶ୍ରମିକଙ୍କୁ ଛଟେଇ କରାଯାଇଥିଲା। ଅନ୍ୟପକ୍ଷେ ଫାର୍ମର ଅଧିକାରୀମାନେ ଠିକ୍ ସମୟରେ ଅଫିସକୁ ଆସୁ ନ ଥିବାବେଳେ ଅନେକ ସମୟରେ ମେଶିନଦ୍ୱାରା କାମ ଜାରି ରହିଛି। ୨୮।୧୨।୨୦୦୯ରେ ସ୍ଥାନୀୟ ମହିଳାଙ୍କୁ କାର୍ଯ୍ୟରୁ ଛଟେଇ କରି ସମ୍ବଲପୁର, ବରଗଡ଼ ଓ ଅତାବିରା ଅଞ୍ଚଳରୁ ଦୁଇଟି ମେଶିନ ଭଡ଼ାରେ ଆଣି ଧାନ କାଟୁଥିଲେ। ପରେ ମହିଳା ଶ୍ରମିକମାନେ ତତ୍କାଳୀନ ଫାର୍ମ ଅଧିକ୍ଷକ ସୁରେଶ ପାଲଙ୍କୁ ଭେଟି ମେଶିନ ବନ୍ଦ କରି ସେମାନଙ୍କୁ କାମ ଦେବାକୁ ଦାବି କରିଥିଲେ। ମାତ୍ର ଏଥିରେ କୌଣସି ସୁଫଳ ନ ମିଳିବାରୁ ଶତାଧିକ ମହିଳା ଶ୍ରମିକ ଫାର୍ମ ସମ୍ମୁଖ ଫାଟକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ସୁକିନ୍ଦା ଖଣି ଅଞ୍ଚଳ ମୁଖ୍ୟ ରାସ୍ତାକୁ ଦାମୋଦରପୁର ମଠଛକଠାରେ ଅବରୋଧ କରି ମେଶିନକୁ ହଟାଇବା, ସେମାନଙ୍କୁ ସ୍ଥାୟୀ ନିଯୁକ୍ତି କରିବା, ଫାର୍ମ ଅଧିକ୍ଷକଙ୍କ ମନମୁଖି କାର୍ଯ୍ୟ ବିରୋଧରେ ପଦକ୍ଷେପ ନେବାକୁ ଦାବି କରିଥିଲେ। ପରେ ତତ୍କାଳୀନ ସୁକିନ୍ଦା ଆଇଆଇସି ଅସିତ ମହାନ୍ତି, ତତ୍କାଳୀନ ବିଡିଓ ମନୋଜ କୁମାର ବେହେରା ଘଟଣା ସ୍ଥଳକୁ ଆସି ଆଲୋଚନା କରିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହା ପରେ ବି ବିଭିନ୍ନ ସମୟରେ କୃଷି ଶ୍ରମିକମାନଙ୍କ ଆନ୍ଦୋଳନ, ଦାବି, ଅନଶନ ଆଦି ହୋଇ ଆସୁଛି। କିନ୍ତୁ ରାଜ୍ୟ ସରକାର ଏହି ବିହନ ଫାର୍ମ ଉପରେ ଦୃଷ୍ଟି ନ ଦେବା ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ମତପ୍ରକାଶ ପାଉଛି।



# ପ୍ରସାଦ ନଷ୍ଟର ୩ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ଜଗତ୍‌ସିଂହପୁର ଅଫିସ, ୨୦।୧୧**

ଜଗତ୍‌ସିଂହପୁର ଜିଲାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା'ସାରଳା। ମାତ୍ର ଏହି ମନ୍ଦିରରେ ବିଭିନ୍ନ ସମୟରେ ଦେଖାଦେଉଛି ବିଶୃଙ୍ଖଳା। କେତେବେଳେ ପଣ୍ଡା, ସେବାୟତ ବିବାଦ ତ ଆଉ କେତେବେଳେ ହଜାର ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ହେଉଥିବା ପ୍ରସାଦ ନଷ୍ଟ। କେବଳ ଏତିକି ନୁହେଁ, ମନ୍ଦିର ସମ୍ପତ୍ତିକୁ ଲୁଟ୍ ପାଇଁ ଏକ ରୀତିମତ ଷଡ଼ଯନ୍ତ୍ର ଚାଲିଥିବା ଅଭିଯୋଗ ହେଉଛି। ମନ୍ଦିରର ରାଜସ୍ୱ ଲୁଟ୍ ଓ ଅର୍ଥ ବରବାଦ୍ କରାଯାଉଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ଶୂନ। ମନ୍ଦିର ପରିସରରେ ଅନେକ ସମୟରେ ଏଭଳି ଅସ୍ୱାଭାବିକ ପରିସ୍ଥିତି ଲୋକଙ୍କ ଭାବାବେଗକୁ ଆଘାତ ଦେଉଛି। ଦିନକୁ ଦିନ ମନ୍ଦିର ପରିସ୍ଥିତି ବିଗିଡ଼ି ଚାଲିଥିବା ବେଳେ କିଛି ଖିଲାପକାରୀ ଓ ବିଶୃଙ୍ଖଳାକାରୀଙ୍କୁ ମନ୍ଦିର ପ୍ରଶାସନ ଓ ଦେବୋତ୍ତର ବିଭାଗ ଘଣ୍ଟା ଘୋଡ଼ାଇ ଚାଲିଛି। ଏନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି।

ଗତ ୧୮ତାରିଖ ସୋମବାର ମନ୍ଦିରରେ ନୂଆଖିଆ ପର୍ବରେ ପାଖାପାଖି ୨ହଜାର ଲୋକଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ହୋଇଥିଲା। ଅପରାହ୍ନ ପ୍ରାୟ ୧ଟା ସୁଦ୍ଧା ରୋଷେଇ ସରିଥିଲା। କେବଳ ନୀତିକୁ ଅପେକ୍ଷା ଥିଲା। କିନ୍ତୁ ହଠାତ୍ କୁହାଗଲା ଜଣେ ସେବାୟତ ରୋଷେଇ ହେଉଥିବା ସ୍ଥାନ ଦେଇ ଚାଲି ଯିବାରୁ ମାରା ହୋଇଗଲା। ତେଣୁ ଏହା ନୀତି ପାଇଁ ଯାଇପାରିବ ନାହିଁ। ପଣ୍ଡାମାନେ ଏହି କଥାକୁ ଗଣ୍ଠି କରି ନୀତି ପାଇଁ ଅଳ୍ପ ପରିମାଣର ପ୍ରସାଦ, ଡାଲି, ତରକାରୀ ଓ ଖିରୀ ଆଦି ପ୍ରସ୍ତୁତ କରିଥିଲେ। କିନ୍ତୁ ରୋଷେଇ ହୋଇଥିବା ୨ହଜାର ଲୋକଙ୍କ ଖାଦ୍ୟ ସେମିତି ରହିଥିଲା। ଯେହେତୁ ପ୍ରତିବର୍ଷ ନୂଆଖିଆରେ ମନ୍ଦିର ପରିସରରେ ବହୁ ସଂଖ୍ୟକ ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୁଏ ତେଣୁ ଲୋକେ ରୁଣ୍ଡ ହୋଇଥିଲେ। ପ୍ରସାଦ ମାରା ହୋଇଥିବା ଜାଣି ସେମାନଙ୍କ ଭିତରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏଣେ ପଣ୍ଡା ଓ ସେବାୟତଙ୍କ ମଧ୍ୟରେ ଏହି କଥାକୁ ନେଇ ବିବାଦ ଦେଖା ଦେଇଥିଲା। ରାତିରେ ବୈଠକ ବସିଥିଲା। କିନ୍ତୁ ପ୍ରସାଦ ମାରା ହୋଇଥିବା କଥା କେହି କହି ନ ଥିଲେ। ଯଦି ପ୍ରସାଦ ମାରା ହୋଇ ନ ଥିଲା ତେବେ ଏତେ ଲୋକଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟ କାହିଁକି ନଷ୍ଟ ହେଲା ବୋଲି ପ୍ରଶ୍ନର କୌଣସି ଉତ୍ତର ମଧ୍ୟ ମିଳି ନ ଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ତା ପରଦିନ ଅର୍ଥାତ୍ ୧୯ତାରିଖରେ ପୁଣିଥରେ ବୈଠକର ଆୟୋଜନ

**ମା' ସାରଳା ମନ୍ଦିର**



- ଆଜି ଦେବୋତ୍ତର କମିଶନଙ୍କୁ ଭେଟିବେ କାର୍ଯ୍ୟନିର୍ବାହୀ ଅଧିକାରୀ
- ଭୋଗ, ଦୀପ ଦୋକାନୀଙ୍କ ଠାରୁ ଆଦାୟ ହୋଇପାରିନି ୮୦ଲକ୍ଷ
- ଡିସେମ୍ବର ମାସରେ ଶେଷ କିସ୍ତି, ଆଦାୟ ନେଇ ସନ୍ଦେହ
- ଘଣ୍ଟ ଘୋଡ଼ାଉଛି ମନ୍ଦିର ପ୍ରଶାସନ, ଦେବୋତ୍ତର ବିଭାଗ

ହେବ ଏବଂ ଏଥିରେ ଜିଲାପାଳ କିମ୍ବା ଉପଜିଲାପାଳ ଉପସ୍ଥିତ ରହିପାରନ୍ତି ବୋଲି କୁହାଯାଇଥିଲା। କିନ୍ତୁ କୌଣସି ବୈଠକ କରାଗଲା ନାହିଁ। ରାତିରେ ଟ୍ରାକ୍ଟର ଯୋଗେ ହଣ୍ଡାହଣ୍ଡା ଅନ୍ନଖେଚେଡ଼ି, ଡାଲି, ତରକାରୀ, ଖିରି, ଖଟା, ମରିଚପାଣି, ଦହିକଡ଼ି ଓ ଶାଗ ଆଦି ବୁହାଯାଇ ଅନ୍ୟତ୍ର ଫୋପଡା ଯାଇଥିଲା। ଘଟଣାକୁ ଇତିମଧ୍ୟରେ ୩ଦିନ ବିତିଯାଇଥିଲେ ସୁଦ୍ଧା କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏଠାରେ ପ୍ରଶ୍ନ ଉଠୁଛି ପାଖାପାଖି ୨ଲକ୍ଷ ଟଙ୍କା ବ୍ୟୟରେ ପ୍ରସ୍ତୁତ ଖାଦ୍ୟ ନଷ୍ଟ ପାଇଁ ଦାୟୀ କିଏ। ମନ୍ଦିର ରାଜସ୍ୱ ବରବାଦ କରିବା ପଛରେ ଯେଉଁମାନେ ଦାୟୀ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଉ ନାହିଁ। ଏବାବଦରେ ଜିଲାପାଳ ତଥା ମନ୍ଦିର ପରିଚାଳନା ସମିତି ମଧ୍ୟବର୍ତ୍ତିକାଳୀନ ଟ୍ରଷ୍ଟି ସଂଗ୍ରାମ କେଶରୀ ମହାପାତ୍ର ମନ୍ଦିର ପରିଚାଳନା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିବା କହିଥିଲେ ସୁଦ୍ଧା ଏଯାଏ କିଛି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଖାଲି ଏଇ ଗୋଟିଏ ଘଟଣା ନୁହେଁ ମନ୍ଦିର ପରିସରରେ ଭୋଗ, ଦୀପ ଦୋକାନ କରିଥିବା ବ୍ୟକ୍ତିମାନେ କିସ୍ତି ଟଙ୍କା ଠିକ୍‌ରେ ଦେଉ ନାହାନ୍ତି। ଚଳିତବର୍ଷ ଏହି ଦୋକାନ ପାଇଁ ଟେଣ୍ଡର ନେଇଥିବା ବ୍ୟକ୍ତିମାନେ ପାଖାପାଖି ୮୦ ଲକ୍ଷ ଟଙ୍କା ମନ୍ଦିର ପାଣ୍ଠିକୁ ଦେବା କଥା। ସେଥିମଧ୍ୟରୁ ଭୋଗ ଦୋକାନୀଙ୍କ ପାଖାପାଖି ୫୦ ଲକ୍ଷ ଓ ଦୀପ ଦୋକାନୀଙ୍କ ୩୫ ଲକ୍ଷ ଟଙ୍କା ରହିଛି। ୨୦୨୦ ମାର୍ଚ୍ଚ ସୁଦ୍ଧା ସେମାନଙ୍କ ଟେଣ୍ଡର ସମୟ ସରିଯିବ। ତା'ପୂର୍ବରୁ ଅର୍ଥାତ୍ ଡିସେମ୍ବର ୧୭ତାରିଖ ସୁଦ୍ଧା ସମସ୍ତ କିସ୍ତି ଟଙ୍କା ପୈଠ କରିବା କଥା। କିନ୍ତୁ ସେମାନେ କିସ୍ତି ଖିଲାପ କରି ଚାଲିଥିଲେ ସୁଦ୍ଧା ମନ୍ଦିର ପ୍ରଶାସନ ନୀରବ ରହିଛି। କେବଳ ଦୋଷ ଛଡାଇବା ପାଇଁ ମଝିରେ ମଝିରେ ସେମାନଙ୍କୁ ନୋଟିସ୍ କରାଯାଉଛି। ପାଖାପାଖି ୬ ମାସ ହେବ ଏନେଇ ବିଭିନ୍ନ ସମୟରେ ପଣ୍ଡା, ସେବାୟତ ଓ ସାଧାରଣ ଲୋକଙ୍କ ତରଫରୁ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ଯଥା ପୂର୍ବଂ ତଥା ପରମ୍। ସେହିପରି ଗତବର୍ଷ ପାର୍କିଂ ଓ ଭୋଗ ଦୋକାନ କରିଥିବା ବ୍ୟକ୍ତି ଯଥାକ୍ରମେ ୧୫ଲକ୍ଷ ଓ ୩.୫୦ ଲକ୍ଷ ଟଙ୍କା ଫାଙ୍କିଥିବାବେଳେ ଏଯାଏ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେଣୁ ଚଳିତବର୍ଷ ମଧ୍ୟ ଅନୁରୂପ ଅବସ୍ଥା ହେବା ସମ୍ଭାବନା ଜଳଜଳ ଦେଖାଯାଉଥିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏହାବାଦ୍ କିଛି ଦିନ ପୂର୍ବରୁ ବଡ଼ ପଣ୍ଡା ବିବାଦ ଚରମ ସୀମାରେ ପହଞ୍ଚିଥିଲା। ମନ୍ଦିର ନୀତିରେ ବାଧା ଉପୁଜିଥିଲା। ଶେଷରେ ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ ଯୋଗୁ ପରିସ୍ଥିତି ନିୟନ୍ତ୍ରଣାଧିନ ରହିଛି। ସାରଳା ମନ୍ଦିରରେ ବିଭିନ୍ନ ସମୟରେ ଏଭଳି ବିବାଦ ଦେଖାଦେବା କ୍ଷେତ୍ରରେ ମନ୍ଦିର ପରିଚାଳନା ସମିତିର ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏସମ୍ପର୍କରେ ମନ୍ଦିର ପରିଚାଳନା କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମ ଧଳଙ୍କୁ ପଚାରିବାରେ ସେ କହିଛନ୍ତି ଯେ,ପ୍ରସାଦ ନଷ୍ଟ ହେବା ଘଟଣାରେ ଦେବୋତ୍ତର କମିଶନରଙ୍କୁ ଗୁରୁବାର ଭେଟି ତଥ୍ୟ ପ୍ରଦାନ କରାଯିବ। ତା'ପରେ କମିଶନରଙ୍କ ନିର୍ଦ୍ଦେଶ ଯାହା ରହିବ ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଧଳ କହିଛନ୍ତି।

## ସଂକ୍ଷେପରେ

### ସ୍ୱଚ୍ଛ ଭାରତ ସଚେତନତା କାର୍ଯ୍ୟକ୍ରମ

**ତିର୍ତ୍ତୋଲ,୨୦।୧୧ (ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ତିରଣର ଅବସରପ୍ରାପ୍ତ କର୍ମଚାରୀ ସଂଘ ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ କର୍ମକର୍ତ୍ତାଙ୍କ ସହ ଯୁବକ ସଂଘର ସଭ୍ୟବୃନ୍ଦ, ୩ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘର ସଭାପତି ସନ୍ଧ୍ୟାରାଣୀ ସାହାଣୀ ଏଥିରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ମହିଳା ସଭ୍ୟ ସାମିଲ ହୋଇ ଜଗନ୍ନାଥପୁର ବଡ ବଜାର, ସାନବଜାର ଓ ନରୁଆ ଛକ ବଜାରରୁ ଅଳିଆ ଆବର୍ଜନା, ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଆଦି ସଫା କରିଥିଲେ। ଏଥିସହ ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ କରିବାକୁ ଜନସାଧାରଣ ଓ ବ୍ୟବସାୟୀଙ୍କ ମଧ୍ୟରେ ସଚେତନ କରାଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ତିର୍ତ୍ତୋଲ ସଂଯୋଜକ ରାଜକିଶୋର ଦାଶ ଏହାକୁ ଶୁଭାରମ୍ଭ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଫକୀର ଚରଣ ମହାନ୍ତି ଓ ଶରତ କୁମାର ତାରେଣିଆ ଏହାକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ମଦନ ଖଣ୍ଡୁଆଳ, ରାଧେଶ୍ୟାମ ନାୟକ, ବିଷ୍ଣୁଚରଣ ନାୟକ, ବୈଷ୍ଣବ ନାୟକ, ବ୍ରଜ ବିଶ୍ୱାଳ, ଅଜିତ ମହାନ୍ତି, ନରେନ ଦାସ ଓ ବୀରକିଶୋର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ଚାରାରୋପଣ କାର୍ଯ୍ୟକ୍ରମ

**ଏରସମା,୨୦।୧୧(ସ୍ୱ.ପ୍ର.):** ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମର ନେଚର ଲଭର ଆସୋସିଏଶନ୍ ପକ୍ଷରୁ ବୁଧବାର ପ୍ରଥମାଷ୍ଟମୀ ଅବସରରେ ପୋଖରୀ ନିକଟରେ ଚାରାରୋପଣ କରାଯାଇଛି। ନରେନ୍ଦ୍ର କୁମାର ସ୍ୱାଇଁ ଓ ଦେବେନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫ ଅଶ୍ୱତ୍ଥ, ବଉଳ,୨ ଲିମ୍ବ, ୩ ଅଶୋକ ଓ ୩ ଅର୍ଜୁନ ଗଛ ଚାରା ରୋପଣ କରାଯାଇଛି। ଏଥିସହ ଚାରାଗୁଡିକର ସୁରକ୍ଷା ପାଇଁ ଗୋରଡି କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରୀତମ ସ୍ୱାଇଁ,ମୁକେଶ କୁମାର ସ୍ୱାଇଁ, ସ୍ମୃତି ରଞ୍ଜନ ଖଣ୍ଡୁଆଳ, କେଆର ସମ୍ବିତ କୁମାର ସ୍ୱାଇଁ, ରାକେଶ ସ୍ୱାଇଁ, ଅନିମେଶ ମହାରଣା,ମହିମା ସ୍ୱାଇଁ,ସୋମନାଥ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

### ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ

**ନାଉଗାଁ,୨୦।୧୧(ସ୍ୱ.ପ୍ର.):** ନାଉଗାଁ ବଜାରଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସୁନୀଲ ମାଟିଆଙ୍କ ନେତୃତ୍ୱରେ ଇନ୍ଦିରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ବେହୁରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଚିତ୍ରା ନନ୍ଦ ଲେଙ୍କା, ପଦ୍ମଚରଣ ରାଉତ, ଦେବଜ୍ୟୋତି ମହାନ୍ତି ଓ କ୍ରିଷ୍ଣାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ଇନ୍ଦିରାଙ୍କ ତ୍ୟାଗପୂତ ଜୀବନୀ ଉପରେ ଆଲୋକପାତ କରିଥିଲେ।

# କଣ୍ଟେନର ପରିବହନରେ ଲାଗିଲା ଏଲ୍‌ଡିବି ବ୍ୟବସ୍ଥା



ଏଲ୍‌ଡିବି ବ୍ୟବସ୍ଥା ଶୁଭାରମ୍ଭ ଉତ୍ସବରେ ଉପସ୍ଥିତ ଅଧିକାରୀ ବୃନ୍ଦ।

**ପାରାଦୀପ, ୨୦।୧୧ (ସ୍ୱ.ପ୍ର)**

ପାରାଦୀପ ବନ୍ଦରର ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ) ବର୍ଥରେ ବୁଧବାର କଣ୍ଟେନର ପଣ୍ୟ ପରିବହନରେ ଏଲ୍‌ଡିବି (ଲଜେଷ୍ଟିକ୍ ଡାଟା ବ୍ୟାଙ୍କ) ବ୍ୟବସ୍ଥା ଆରମ୍ଭ ହୋଇଛି। ଏହି ବ୍ୟବସ୍ଥା ଓଡ଼ିଶା ପଣ୍ୟ ପରିବହନ କ୍ଷେତ୍ରରେ ପ୍ରଥମ ବୋଲି ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଉଦ୍‌ଘାଟନୀ ଅବସରରେ କହିଛନ୍ତି। ଏଲ୍‌ଡିବିକୁ କଣ୍ଟେନର ପଣ୍ୟ ନେଇ ଯାଉଥିବା ଗାଡ଼ିରେ ବାହାରିବା ବେଳେ ଲଗାଯିବ। ଏହାଦ୍ୱାରା ପଣ୍ୟ ଓ ଗାଡ଼ିର ଅବସ୍ଥିତି ସମ୍ପର୍କରେ ଆମଦାନୀ-ରପ୍ତାନୀକାରୀ ସଂସ୍ଥା ଓ ପରିବହନ ବିଭାଗ ଜାଣିପାରିବେ। ଏହାକୁ ଦିଲ୍ଲୀ-ମୁମ୍ବାଇ ଇଣ୍ଡଷ୍ଟ୍ରିଆଲ କରିଡର ଡେଭଲପମେଣ୍ଟ କର୍ପୋରେଶନ (ଡିଏମ୍‌ଆଇସିଡିସି) ସଂସ୍ଥା ପକ୍ଷରୁ ପାରାଦୀପରେ କରାଯାଇଛି। ଏହା ପୂର୍ବରୁ ଏହିଭଳି ବ୍ୟବସ୍ଥା ଜବାହାରଲାଲ ନେହେରୁ ପୋର୍ଟ (ଜେଏନ୍‌ପିଟି), ହାଜରା, ମୁନ୍ଦ୍ରା, ଆଦାନୀ ପୋର୍ଟରେ ଲାଗୁ କରାଯାଇଛି। ଏହି କାର୍ଯ୍ୟର ଶୁଭାରମ୍ଭ ପାଇଁ ପିଆଇସିଟି ବର୍ଥରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବନ୍ଦର ଅଧ୍ୟକ୍ଷ ରାୟଙ୍କ ବ୍ୟତୀତ ବନ୍ଦର ଟ୍ରାଫିକ ମ୍ୟାନେଜର (ଟିଏମ୍) ଏସ୍.କେ.ମିଶ୍ର, ସୀମାଶୁଳ୍କ ବିଭାଗର ଡେପୁଟି କମିଶନର ହର୍ଷ ଝା, ପିଆଇସିଟିର ପରିଚାଳକ (ମାନବସମ୍ବଳ) କୁଳମଣି ପଣ୍ଡା, ଲଜେଷ୍ଟିକ ସଂସ୍ଥା ଡିଏମ୍‌ଆଇସିଡିସିର ନିର୍ଦ୍ଦେଶକ ଇଚିରେ ଓଶିମା ଓ ସୁରଜିତ୍ ସରକାର ଉପସ୍ଥିତ ଥିଲେ।

## ବିଦ୍ୟାଳୟରୁ ଅନ୍ତେବାସୀ ନିଖୋଜ

**ଜଗତ୍‌ସିଂହପୁର ଅଫିସ, ୨୦।୧୧**

ସ୍ଥାନୀୟ ଆଶ୍ରା ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରୁ ଜଣେ ଅନ୍ତେବାସୀ ନିଖୋଜ ହୋଇଯାଇଛନ୍ତି। ସେହେଲେ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ମଣ୍ଡାସାହି ଗ୍ରାମର ବାଖର ଖାନ୍‌ଙ୍କ ପୁଅ ମଝହର ଖାନ୍ (୧୬)। ଏସମ୍ପର୍କରେ ବିଦ୍ୟାଳୟ ଅଧ୍ୟକ୍ଷ ମାନସ ରଞ୍ଜନ ଖୁଣ୍ଟିଆଙ୍କ ଅଭିଯୋଗକ୍ରମେ ଜଗତ୍‌ସିଂହପୁର ପୋଲିସ ଏକ ମାମଲା(ନଂ.୪୦୯/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ୧୯ତାରିଖ ରାତିରେ ଭୋଜନ ପରେ ପିଲାମାନେ ଶୋଇଥିଲେ। ତାର କିଛି ସମୟ ପରେ ପ୍ରତିଦିନ ପରି ଗଣତି ଆରମ୍ଭ ହୋଇଥିଲା। କିନ୍ତୁ ମଝହର ଅନୁପସ୍ଥିତ ଥିଲେ। ଏହାପରେ ବିଦ୍ୟାଳୟର ଶିକ୍ଷକ ଓ ଅଧ୍ୟକ୍ଷ ଆଖପାଖରେ ଖୋଜାଖୋଜି କରି ନିରାଶ ହେବାରୁ ମଝହରଙ୍କ ଗାଁକୁ ଯାଇ ତାଙ୍କ ବାପାଙ୍କୁ ସୂଚନା ଦେଇଥିଲେ। ବୁଧବାର ବହୁ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ନ ମିଳିବାରୁ ବିଦ୍ୟାଳୟ ଅଧ୍ୟକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ପୂର୍ବରୁ ମଝହର ୨ଥର ରାତିରେ ବିଦ୍ୟାଳୟରୁ ତାଙ୍କ ଘରକୁ ଚାଲି ଯାଇଥିବା ବିଦ୍ୟାଳୟ ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

# ଉପକୂଳ ଅଞ୍ଚଳରେ ବଢ଼ିଚାଲିଛି ବେଆଇନ ନିଶା କାରବାର

**ବାଲିକୁଦା,୨୦।୧୧(ସ୍ୱ.ପ୍ର.)**

ବାଲିକୁଦାର ସମୁଦ୍ର ଉପକୂଳ ଅଞ୍ଚଳରେ ବଢି ଚାଲିଛି ବେଆଇନ ନିଶା କାରବାର। ସମୁଦ୍ର ଉପକୂଳ ନହରଣା, କୁଶୁପୁର, ବନ୍ଦର, ମରିଚପୁର, ବାଲିଜୋରୀ, ଗଣ୍ଡକୂଳ, ଅପଣ୍ଡରା, ଓଷକଣା, ଅନନ୍ତପୁର, ବ୍ରାହ୍ମଣସାହି, ତେନ୍ତୁଲିବେଲାରୀ ଓ ଦେକଣୀ ଅଞ୍ଚଳରେ ମଦ, ଗଞ୍ଜେଇ, ଚରସ, ହିରୋଇନ ଆଦି ନିଶା କାରବାର ବହୁଳ କାରବାର ହେଉଛି। ଏହି ସବୁ ଅଞ୍ଚଳରେ ଚୋରା ବିଦେଶୀ, ଦେଶୀ ମଦ, ଗଞ୍ଜେଇ ଆଦି ପାନ ଦୋକାନ, ତେଜରାତି ଓ ଭେରାଇଟ ଷ୍ଟୋର ଆଦିରେ ବିକ୍ରି ହେଉଛି। ପୋଲିସ ଓ ଅବକାରୀ ବିଭାଗର ଜ୍ଞାତରେ ଏସବୁ କାରବାର ଚାଲୁଥିଲେ ସୁଦ୍ଧା କୌଣସି ପ୍ରକାର ପଦକ୍ଷେପ ନିଆଯାଉ ନାହିଁ। ଯାହାଫଳରେ ଯୁବକମାନେ ପଥ ଭ୍ରଷ୍ଟ ହେଉଥିବା ଲକ୍ଷ୍ୟ କରାଯାଉଛି। ବହୁ ପରିବାର ବରବାଦ ହେଉଥିବା ବେଳେ ନାରୀ ନିର୍ଯାତନା ମଧ୍ୟ ବୃଦ୍ଧି ପାଇଛି। ନିଶାପାଇଁ କିଏ ସ୍ତ୍ରୀର ଗହଣା ବିକି ଲାଣି ତ' ଆଉ କିଏ ସରକାରଙ୍କ ତରଫରୁ ଯୋଗାଇ ଦିଆ ଯାଉଥିବା ପ୍ରଧାନମନ୍ତ୍ରୀ ଆବାସ ଟଙ୍କାକୁ ଖର୍ଚ୍ଚ କରି ସାରିଲାଣି। ଏପରି କି କେତେକ ଲୋକ ନିଜ ଭଉ। ଟଙ୍କା ପାଇଲା କ୍ଷଣି ମଦ ଦୋକାନ ପାଖରେ ଭିଡ ଜମାଉଥିବା ଦେଖିବାକୁ ମିଳୁଛି। ଏଭଳି ବେଆଇନ ନିଶା କାରବାର ସମ୍ପର୍କରେ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗର କର୍ମଚାରୀଙ୍କୁ ପଚାରିଲେ ଚିରାଚରିତ ଢଙ୍ଗରେ ଖବର ମିଳିଲେ ଚଢ଼ାଉ କରାଯାଉଛି ବୋଲି ଉତ୍ତର ଦେଉଛନ୍ତି। ଏହି ସବୁ ଅଞ୍ଚଳରେ ଚୋରା ନିଶା କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଜିଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି

**ଏରସମା,୨୦।୧୧(ସ୍ୱ.ପ୍ର.)**

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଏରସମା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଜିଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ୨ ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ପ୍ରତିମୂର୍ତ୍ତି ସ୍କୁଲ ପରିସରରେ ପ୍ରତିଷ୍ଠା କରିବା ପାଇଁ ସ୍ଥିର କରାଯାଇଛି। 'ମୋ ସ୍କୁଲ ଅଭିଯାନ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଧୀରେନ୍ଦ୍ର ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ବିଜ୍ଞାନ ମେଳରେ ଶିକ୍ଷା ମନ୍ତ୍ରୀ, ଜଳ ସମ୍ପଦ ମନ୍ତ୍ରୀ ଓ ଜିଲା ଶିକ୍ଷା ଅଧିକାରୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ମନୋନୀତ ହୋଇଥିବା ୮୦ ବିଜ୍ଞାନ ପ୍ରକଳ୍ପ, ପତ୍ରିକା ଉନ୍ମୋଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଉପରେ ଚର୍ଚ୍ଚା କରାଯାଇଥିଲା। ଏରସମା ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ ନିରଞ୍ଜନ ପ୍ରସାଦ ଦାସ ଓ ବନମାଳୀ ମଧ୍ୟ ବିଦ୍ୟାପୀଠର ପୂର୍ବତନ ପ୍ରଧାନଶିକ୍ଷକ ଗୋକୁଳାନନ୍ଦ ମିଶ୍ରଙ୍କ ପ୍ରତିମୂର୍ତ୍ତି ସ୍କୁଲରେ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଅମ୍ବିକା ପ୍ରସାଦ ମହାନ୍ତି, ସରୋଜ ବେହେରା, ଜୟନ୍ତ ସେଠୀ, ଜ୍ଞାନ ରଞ୍ଜନ ଦାସ ଓ ଜ୍ୟୋତି ରଞ୍ଜନ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ତନକର୍କଟ ସଚେତନତା କାର୍ଯ୍ୟକ୍ରମ

**ପାରାଦୀପ, ୨୦।୧୧ (ସ୍ୱ.ପ୍ର.)**

ପାରାଦୀପ ବନ୍ଦର ଲେଡିଜ କ୍ଲବ୍ ପକ୍ଷରୁ ବୁଧବାର ସ୍ତନକର୍କଟ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ପୋର୍ଟ କ୍ଲବ ପରିସରରେ ଅନୁଷ୍ଠିତ ହୋଇଛି। ପୋର୍ଟ ଟ୍ରଷ୍ଟ ହାଇସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ଏନ୍‌ଏସି ସ୍କୁଲ, ଭି.ପଏଣ୍ଟ କେଜି ସ୍କୁଲର ଛାତ୍ରୀଛାତ୍ର ଓ ମହିଳାଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଲେଡିଜ୍ କ୍ଲବ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଦସ୍ୟା କଳ୍ପନା ସାହୁ, ସବିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଭାଗବତ ପାରାୟଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ତିର୍ତ୍ତୋଲ, ୨୦।୧୧(ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ପିପ୍ପଳମାଧବ ସ୍ଥିତ ଧର୍ମେଶ୍ୱର ମହାଦେବଙ୍କ ପୀଠରେ ସପ୍ତାହେ ବ୍ୟାପି ଚାଲିଥିବା ଭାଗବତ ପାରାୟଣ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଓଡିଶା ସାଧୁସନ୍ଥ ସମାଜର ସଭାପତି ଚିନ୍ତାମଣି ପର୍ବତ ଗୋସ୍ୱାମୀ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ କଳସ ଶୋଭାଯାତ୍ରା, ଘୃତ ଯଜ୍ଞ, ଗୋମାତା ପୂଜନ, ପାରାୟଣ, ନାମ ସଂକୀର୍ତ୍ତନ , ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନିତ୍ୟ ପ୍ରବଚକ ଭାବେ ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ ମହାରାଜ ପ୍ରବଚନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ତୁଳଙ୍ଗ ତୀର୍ଥମଠ ମହନ୍ତ ଜଗନ୍ନାଥ ଦାସ ମହାରାଜଙ୍କ ସମେତ ବହୁ ସାଧୁ ସନ୍ଥ ଏଥିରେ ସାମିଲ ହୋଇଥିଲେ । ଧର୍ମେଶ୍ୱର ମହାଦେବ ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ସମିତିର ସଭାପତି ଜେନାମଣୀ ଶୈଳେନ୍ଦ୍ର କୁମାର ରାୟ, ଉପଦେଷ୍ଟା କ୍ଷୀରୋଦ ମହାନ୍ତି, ହରେକୃଷ୍ଣ ଆଚାର୍ଯ୍ୟ, ବିଷ୍ଣୁ କାନୁନ୍‌ଗୋ, ସନ୍ତୋଷ ଦାସ ପ୍ରମୁଖ ପରିଚାଳନା କରିଥିଲେ ।



ଭାଗବତ ପାରାୟଣ କାର୍ଯ୍ୟକ୍ରମରେ ଉପସ୍ଥିତ ସାଧୁସନ୍ଥମାନେ।

**ଆଜି ବିଶ୍ୱ ମତ୍ସ୍ୟ ଦିବସ**

# ଲୋପ ପାଇଲେଣି ୬୫ ପ୍ରତିଶତ ମାଛ

**ପାରାଦୀପ, ୨୦।୧୧(ସ୍ୱ.ପ୍ର.)**

- ସାମୁଦ୍ରିକ ପ୍ରଦୂଷଣ, ଅବୈଧ ମାଛଧରା ପ୍ରମୁଖ କାରଣ
- ସୁରକ୍ଷା ପାଇଁ କଠୋର ଆଇନ ଲାଗୁ ଆବଶ୍ୟକ

ଭାରତୀୟ ମତ୍ସ୍ୟ ସର୍ବେକ୍ଷଣ ୨୦୧୦ଅନୁସାରେ ଆମ ଦେଶରେ ଥିବା ୭୫୫୨ କି.ମି. ପୂର୍ବ ଉପକୂଳରେ ୮,୬୪,୫୫୦ ମତ୍ସ୍ୟଜୀବୀ ପରିବାର କେବଳ ମାଛ ଉପରେ ନିର୍ଭରଶୀଳ। ଦେଶର ଅର୍ଥନୀତି ମଧ୍ୟରୁ ୧୦୭.୦୭ ପ୍ରତିଶତ ଜିଡିପି (ଗ୍ରସ୍ ଡୋମେଷ୍ଟିକ ପ୍ରଡକ୍ଟ) ରପ୍ତାନୀ କେବଳ ମାଛରୁ ମିଳିଥାଏ। ପୌରାଣିକ ତଥ୍ୟାବଳିରୁ ଆଜିଯାଏ ଭାରତୀୟ ଚଳଣିରେ ମାଛ ଓ ମତ୍ସ୍ୟଜୀବୀଙ୍କୁ ନେଇ ଅନେକ ଇତିହାସ ରହିଛି। ଦେଶର ୧୯୭.୨୪ କି.ମି. ହେକ୍ଟର ନଦୀ ଓ କେନାଲ, ୩୧୫ ମିଲିୟନ ହେକ୍ଟର ଜଳାଶୟ, ୨୩୫ ମିଲିୟନ ହେକ୍ଟର ପୋଖରୀ, ୧୨୪ ମିଲିୟନ ହେକ୍ଟର କ୍ଷାରଜଳ, ୦.୨୯ ହେକ୍ଟର ମଧୁର ଜଳରେ ମାଛ ଅଛନ୍ତି। ସେହି ସବୁ ମାଛକୁ ଖାଇବା, ବିକିବା ସହ ବିଭିନ୍ନ ଔଷଧରେ ମଧ୍ୟ ବ୍ୟବହାର କରାଯାଉଛି। ହେଲେ ଅର୍ଥନୀତି ଓ ଜୀବିକାରେ ବେଶ୍ ଗୁରୁତ୍ୱ ବହନ କରୁଥିବା ମତ୍ସ୍ୟ ସମ୍ପଦ ଏବେ ବିପଦରେ। କାରଣ



ପ୍ରତିବର୍ଷ ନଦୀ ସମୁଦ୍ରରେ ଥିବା ଅନେକ ପ୍ରଜାତିର ମାଛ ମଧ୍ୟରୁ ୬୫ପ୍ରତିଶତ ଲୋପ ପାଇଗଲାଣି ବୋଲି କେନ୍ଦ୍ର ମତ୍ସ୍ୟ ବିଭାଗର ସ୍ୱୀକୃତିପ୍ରାପ୍ତ ସଂସ୍ଥା ନେଟ୍‌ଫିସ୍ ପକ୍ଷରୁ କୁହାଯାଇଛି। ସମଗ୍ର ବିଶ୍ୱସ୍ତରରେ ମଧ୍ୟ ମାଛବଂଶ ହ୍ରାସ ପାଇବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ ଅନିୟମିତ ପାଣିପାଗ, ପ୍ଲାଷ୍ଟିକ ପଲିଥିନ୍‌ର ବହୁଳ ବ୍ୟବହାର, ଅବୈଧ ମାଛଧରା ଯୋଗୁ ଏପରି ଘଟୁଥିବା ସର୍ବେକ୍ଷଣ ସଂସ୍ଥାର ବୈଜ୍ଞାନିକ ଅନନ୍ଦା ଭୂଷଣ କର କୁହନ୍ତି।

ମାଛବଂଶର ସଂରକ୍ଷଣ ପାଇଁ ସମଗ୍ର ବିଶ୍ୱରେ ନଭେମ୍ବର ୨୧କୁ ବିଶ୍ୱ ମତ୍ସ୍ୟଦିବସ ଭାବେ ପାଳନ କରାଯାଉଛି। ଏହି କ୍ରମରେ ଗୁରୁବାର ଆମ ଦେଶରେ ଥିବା ମତ୍ସ୍ୟ ଅବତରଣ କେନ୍ଦ୍ର, ଆମଦାନୀ-ରପ୍ତାନୀକାରୀ ସଂସ୍ଥା, ପ୍ରକ୍ରିୟାକରଣ କେନ୍ଦ୍ର ଏବଂ ସରକାରୀ ଭାବେ ବିଭିନ୍ନ ସ୍ଥାନରେ ପାଳନ ହେବ। ଏହିସବୁ ବୈଠକରେ ମାଛବଂଶର ସୁରକ୍ଷା ପାଇଁ ମତ୍ସ୍ୟଜୀବୀଙ୍କୁ ସଚେତନ କରାଯିବ। ଏପରି ସଚେତନତା ପ୍ରତିବର୍ଷ କରାଯାଉଛି। ଏହା ସତ୍ତ୍ୱେ ମାଛବଂଶ କ୍ରମଶଃ ହ୍ରାସ ପାଇବା ସହ କେତେକ ପ୍ରଜାତି ମାଛ ବିଲୁପ୍ତ ହୋଇଗଲାଣି। ନେଟ୍‌ଫିସ ସଂଯୋଜକ ଗୟାଧର ଜେନାଙ୍କ ମତରେ ଏବେ ପ୍ରତିଯୋଗିତାମୂଳକ ମାଛଧରା ବ୍ୟବସ୍ଥାରେ କେତେକ ମତ୍ସ୍ୟଜୀବୀ ନଦୀ-ସମୁଦ୍ରରେ ଫାଶୀ ଜାଲ ବ୍ୟବହାର କରୁଛନ୍ତି। ଏହି ସବୁ ଜାଲରେ ଧରାଯାଉଥିବା ମାଛ ମଧ୍ୟରୁ ୩୫ ପ୍ରତିଶତ ମାଛକୁ ସେମାନେ ବିକ୍ରି ପାଇଁ ଆଣୁଛନ୍ତି। ଅବଶିଷ୍ଟ ୬୫ ପ୍ରତିଶତ ଯାଆଁଳ ମାଛ ଜାଲ ଭିତରେ ମରିଯାଉଛନ୍ତି। ବାଂଲାଦେଶ ଭଳି ଦେଶରେ ମାଛଧରା କ୍ଷେତ୍ରରେ କେତେକ ଆଇନ ପ୍ରଣୟନ କରାଯାଇଛି। ଯେପରି କି କେହି ଯାଆଁଳ ଧରିପାରିବେ ନାହିଁ ଏବଂ ମାଛବଂଶ ବର୍ଦ୍ଧିତ ସମୟ (ଜୀବନଚକ୍ର)ରେ ମାଛଧରା ସମ୍ପୂର୍ଣ୍ଣ ବନ୍ଦ ରୁହେ। କିନ୍ତୁ ଆମ ଦେଶରେ ସେପରି କଠୋର ନିୟମ ଏପର୍ଯ୍ୟନ୍ତ ହୋଇନାହିଁ। ଯଦ୍ୱାରା ମାଛଧରା କ୍ଷେତ୍ରରେ ଅଙ୍କୁଶ ଲାଗିପାରୁନାହିଁ। ସ୍ଥାନୀୟ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ) ମଧୁମୟ ସାମଲ କୁହନ୍ତି, ଏବେ ସରକାର ବିଭିନ୍ନ ସଂସ୍ଥା ଦ୍ୱାରା ମତ୍ସ୍ୟ ସର୍ବେକ୍ଷଣ କରୁଛନ୍ତି। ମାଛବଂଶ ନିଶ୍ଚୟ ହ୍ରାସ ପାଉଛି। କିନ୍ତୁ ପ୍ରତିକାର ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଉଛି। ମାଛ ଏକ ପୁଷ୍ଟିକର ଖାଦ୍ୟ ବୋଲି ଡାକ୍ତରମାନେ କହିଲେଣି। ଏବେଠାରୁ ପ୍ରତିକାର ବ୍ୟବସ୍ଥା ନ ହେଲେ ଭବିଷ୍ୟତ ପିଢ଼ି ପାଇଁ ନିଶ୍ଚୟ ବିପଦ ସାଜିପାରେ। ସରକାରଙ୍କ ପକ୍ଷରୁ ଏ ଦିଗରେ ଯଥେଷ୍ଟ ପଦକ୍ଷେପ ଗ୍ରହଣ କରାଯାଉଛି। ଏପ୍ରିଲ୍ ୧୫ରୁ ଜୁନ୍ ୧୫ ଦୁଇ ମାସ ମାଛଧରା କଟକଣା କରାଯାଉଛି। ଜାଲ ଅପେକ୍ଷା ସୂତୀ ମାଧ୍ୟମରେ ମାଛ ଧରିବା ପାଇଁ ପରାମର୍ଶ ଦିଆଯାଉଛି ବୋଲି ସାମଲ କୁହନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୧ ନଭେମ୍ବର, ୨୦୧୯



"ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ଯୁବ ରେଡ଼କ୍ରସ୍‌ର ୩ ଦିନିଆ ଶିବିର ଉଦ୍‌ଯାପିତ

**ନୟାଗଡ଼ ଅଫିସ,୨୦।୧୧-** ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୩ ଦିନ ଧରି ଚାଲିଥିବା ଜିଲା ଯୁବ ରେଡ଼କ୍ରସ୍ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ମେଜର ମଞ୍ଜୁଶ୍ରୀ ପତିଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ପର୍ଯ୍ୟବେକ୍ଷକ ସୁବୋଧ ଚନ୍ଦ୍ର ଜଗଦେବ ଅତିଥିଭାବେ ଯୋଗ ଦେଇ ବିଶ୍ୱ ପରିବେଶ, ନିଶା ନିବାରଣ, ଟ୍ରାଫିକ ନିୟମ, ସ୍ୱେଚ୍ଛାକୃତ ରକ୍ତଦାନ, ପ୍ରାଥମିକ ଚିକିତ୍ସା, ଦୁର୍ବିପାକ ସେବା ଉପରେ ବକ୍ତବ୍ୟ ରଖିଥିଲେ। ଶିବିରରେ ବି ଗୋବିନ୍ଦ ରାଓ, ଲୋକନାଥ ମହାନ୍ତି, ଧିରେନ୍ଦ୍ର କୁମାର ମହାରଣା ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଡ. ଦିଲ୍ଲୀପ କୁମାର ଶ୍ରୀଚନ୍ଦନ ସବୁଜ ବାହିନୀର ତଥ୍ୟ ପ୍ରଦାନ ସହିତ ଶପଥ ପାଠ କରାଇଥିଲେ। ଶିବରାର୍ଥୀମାନେ ସେମାନଙ୍କ ଅନୁଭୂତି ବାଖ୍ୟା କରିଥିଲେ। ପ୍ରବନ୍ଧରେ ଲିପି ସାହୁ, ତର୍କରେ ଅଭିଲିପ୍ସା ମହାପାତ୍ର, ସାଧାରଣ ଜ୍ଞାନ ଏବଂ ଚିତ୍ରାଙ୍କନରେ ଇତିଶା ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଆଶିଷ କୁମାର ନାୟକ ଏବଂ ଜ୍ୟୋତିର୍ମୟୀ ପୃଷ୍ଟି ସମ୍ବର୍ଦ୍ଧିତ ହୋଇଥିଲେ। ସହଦେବ ବେହେରା ଧନ୍ୟବାଦ ଦେଇଥିଲେ।

### ଚିଲିକା ବ୍ଲକ୍‌ରେ ୭୯୪ ନୂତନ ହିତାଧିକାରୀଙ୍କୁ ଭତ୍ତାବଣ୍ଟନ

**ଚିଲିକା,୨୦।୧୧(ଡ଼ି.ଏନ.ଏ.)-** ଚିଲିକା ବ୍ଲକ୍ ଅନ୍ତର୍ଗତ ୧୭ଗୋଟି ପଞ୍ଚାୟତର ୭୯୪ଜଣ ନୂତନ ହିତାଧିକାରୀଙ୍କୁ ବୁଧବାର ଭତ୍ତାବଣ୍ଟନ କରାଯାଇଛି। ବ୍ଲକ୍ ପରିସରରେ ଆୟୋଜିତ ଭତ୍ତା ବଣ୍ଟନ ଉତ୍ସବରେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ କେତେକ ହିତାଧିକାରୀଙ୍କୁ ଦୁଇମାସର ନଗଦ ଭତ୍ତା ରାଶି ସହ ପାଶ୍ ବୁକ୍ ବଣ୍ଟନ କରିଥିଲେ। ପରେ ସଂପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଅବଶିଷ୍ଟ ଭତ୍ତା ବଣ୍ଟନ କରିଥିଲେ। ସର୍ବମୋଟ୍ ୭୯୪ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ୮୨ଜଣଙ୍କୁ ବିଧବାଭତ୍ତା, ୫୩ଜଣ ଦିବ୍ୟାଙ୍ଗ ଭତ୍ତା ଏବଂ ୬୫୯ ଜଣ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଷମା ବାରିକ, ବ୍ଲକ୍ ଉପାଧକ୍ଷ ଉତ୍ପଳ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

### କାଞ୍ଜିଅଁଳା ଓଷା: ଶାଶୁ ଓଳଗି ହେଲେ ବୋହୂଙ୍କୁ

**ଚିଲିକା,୨୦।୧୧(ଡ଼ି.ଏନ.ଏ.)-** ବୁଧବାର ପୁରପଲ୍ଲୀରେ ପାଳିତ ହୋଇଛି କାଞ୍ଜିଅଁଳା ଓଷା। ଏହି ଓଷାରେ ବିବାହିତା ମହିଳାମାନେ ଶସ୍ୟର ଦେବୀ ମା' ଲକ୍ଷ୍ମୀଙ୍କ ପୂଜା କରିଥାନ୍ତି। ଘର ଅଗଣାରେ ଲିପା ପୋଛା ହୋଇ ଝୋଟି ଦିଆଯାଇଥାଏ। ମଝିରେ ଗଡ଼ ଖାଇ ପରି ମାଟି ଖୋଳାଯାଇ ତହିଁରେ ପାଣି ଢ଼ଳାଯାଏ ଓ ଜିଅନ୍ତା ମାଛକୁ ଛଡ଼ାଯାଏ। ଧଳାରଙ୍ଗର ଧାନଗଛ କ୍ଷେତରୁ ଆଣି ତାହା ଫୁଲ, ସିନ୍ଦୁରରେ ସଜାଇ ମା' ଲକ୍ଷ୍ମୀଙ୍କର ପ୍ରତୀକ ରୂପେ ପୂଜା କରାଯାଇଥାଏ। ଅନ୍ନ, ବ୍ୟଞ୍ଜନ, ଆମିଷ, ନିରାମିଷ ଖାଦ୍ୟ ସହ କାଞ୍ଜି ସମର୍ପଣ କରାଯାଏ। ୭ଗୋଟି ଶୁଖିଲା କେରାଣ୍ଡିକୁ ହଳଦୀ କନାରେ ପିନ୍ଧାଇ ସିନ୍ଦୁର କଜ୍ଜଳ ଲଗାଇ ମହିଳାମାନେ ତାଙ୍କୁ ବୋହୂ ରୂପରେ ଧାନ ମୁକା ତଳେ ରଖି ମୁଣ୍ଡିଆ ମାରିଥାନ୍ତି। ଗୃହିଣୀମାନେ କାଞ୍ଜିଅଁଳା ଓଷା ପାଳନ କରି ପରିବାରର ସୁଖ, ସ୍ୱାସ୍ଥ୍ୟ ଓ ସମୃଦ୍ଧି କାମନା କରିଥିଲେ।

## ■ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ

# ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକାଙ୍କୁ ତାଲା ପକାଇଲେ ଠିକା କର୍ମଚାରୀ

**ପୁରୀ ଅଫିସ, ୨୦।୧୧**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତଙ୍କୁ ହଟହଟାର ସମ୍ମୁଖୀନ ହେବାକୁ ପଡ଼ିଛି। ଅପରାହ୍ନ ସାଢେ ଗୋଟେ ସମୟରେ ଚିକିତ୍ସାଳୟରେ କାର୍ଯ୍ୟରତ ଶତାଧିକ ଅସ୍ଥାୟୀ କର୍ମଚାରୀ ସିଡିଏମଓଙ୍କ କାର୍ଯ୍ୟାଳୟ ଫାଟକରେ ତାଲା ଦେଇ ଧାରଣା ଦେବା ସହ ପଣ୍ଡିତଙ୍କୁ ତୀବ୍ର ବିରୋଧ କରିଥିଲେ। ଫଳରେ ୩୦ମିନିଟ୍ ଧରି ପଣ୍ଡିତ ସିଡିଏମ୍‌ଓଙ୍କ କାର୍ଯାଳୟ ଭିତରେ ରହିଯାଇଥିଲେ। ଖବରପାଇ ସିଟି ଡିଏସପି କ୍ଷୀରସାଗର ନାୟକ, କୁମ୍ଭାରପଡା ଥାନାଅଧିକାରୀ କୁଳମଣି ସେଠୀ ପ୍ରମୁଖ ଫୋର୍ସ ସହିତ ପହଞ୍ଚି ଧାରଣାରତ କର୍ମଚାରୀଙ୍କୁ ବୁଝାସୁଝା କରିଥିଲେ। ମାତ୍ର ଧାରଣାରେ ବସିଥିବା କର୍ମଚାରୀମାନେ ପୋଲିସ କଥା ନ ଶୁଣିବାରୁ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ କୌଣସିମତେ ପଣ୍ଡିତଙ୍କୁ ଘର ବାହାରକୁ ଆଣିଥିଲେ ବି ବାହାରେ କର୍ମଚାରୀମାନେ ପୁଣି ତାଙ୍କୁ ଘେରିଯାଇଥିଲେ। ଅସ୍ଥାୟୀ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ କ'ଣ ବିଚାର କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। କର୍ମଚାରୀଙ୍କ ପ୍ରଶ୍ନବାଣରେ ପଣ୍ଡିତ ଅଣାୟତ୍ତ ହୋଇପଡିଥିଲେ। ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ତାଙ୍କ ପ୍ରତିକ୍ରିୟା ନେବାକୁ ଚାହିଁଥିଲେ ମଧ୍ୟ ସେ ଏହାକୁ ଏଡାଇ ଚାଲିଯାଇଥିଲେ।

ମିଳିଥିବା ସୂଚନା ପ୍ରକାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲାସ୍ୱାସ୍ଥ୍ୟ ସମିତି, ଆଉଟସୋର୍ସିଂ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଠିକା କର୍ମଚାରୀ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ମାତ୍ର ଗତ ୮ମାସ ହେଲା ଏହି କର୍ମଚାରୀମାନେ ଦରମା ନ ପାଇ ମଧ୍ୟ ମେଡିକାଲରେ କାର୍ଯ୍ୟକରୁଛନ୍ତି। ଏନେଇ ଏଡିଏମଓ (ମେଡିକାଲ), ସିଡିଏମଓ, ଜିଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ସେମାନଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଇ ନ ଥିଲା। ଏ ସମ୍ପର୍କରେ ସିଡିଏମଓ ନୀଳକଣ୍ଠ ମିଶ୍ରଙ୍କୁ ପଚାରିବାରେ ଠିକା କର୍ମଚାରୀଙ୍କ ଦରମା ସମ୍ପର୍କିତ ଫାଇଲ ସ୍ୱାସ୍ଥ୍ୟବିଭାଗକୁ ପଠାଯାଇଛି। ଏ ସମ୍ପର୍କରେ ରୋଗୀ କଲ୍ୟାଣ ସମିତି ବୈଠକରେ ଆଲୋଚନା କରାଯାଇଥିଲା। ଖୁବ୍ ଶୀଘ୍ର ସେମାନଙ୍କ ସମସ୍ୟାର ସମାଧାନ କରାଯିବ। ରାଜ୍ୟ ସରକାର ମୋ ସରକାର ଯୋଜନାରେ ମେଡିକାଲରେ ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ବିକାଶ ଲାଗି ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକା ଏହା ତୃତୀୟ ଗସ୍ତ। ପୂର୍ବରୁ ମଧ୍ୟ ପଣ୍ଡିତ ପସୂତି ଓ ଶିଶୁ ଯତ୍ନ କେନ୍ଦ୍ର ବୁଲି ପରିଦର୍ଶନ କରୁଥିବାବେଳେ ଅସ୍ଥାୟୀ କର୍ମଚାରୀ ତାଙ୍କ ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ସେହି ସମୟରେ ପଣ୍ଡିତ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ବକେୟା ଦରମା ପାଇବା ଲାଗି ଠିକା କର୍ମଚାରୀମାନେ ପଣ୍ଡିତଙ୍କୁ ଘେରିଥିଲେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ପୋଲିସ ସୁରକ୍ଷାରେ ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକାଙ୍କୁ ବାହାରକୁ ଅଣାଯାଉଛି।

■ ପୋଲିସ, କର୍ମଚାରୀ ଧସ୍ତାଧସ୍ତି
■ ୩୦ ମିନିଟ୍ ଧରି ଅଟକି ରହିଲେ ଶାଳିନୀ ପଣ୍ଡିତ

## ୫୦ ହଜାର ଟଙ୍କାର କାଠଗଣ୍ଡି ଜବତ



ଜବତ ହୋଇଥିବା କାଠ।

**ଓଡ଼ଗାଁ,୨୦।୧୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳ ଓ ବାହାଡ଼ାଝୋଲା ସେକ୍ସନ ଅନ୍ତର୍ଗତ ମକରାପଲ୍ଲୀ ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ଚଡ଼ାଉ କରି ୧୧ଟି ଶାଳଗଣ୍ଡି ଜବତ କରିଛି। ଜବତ କାଠର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଜଙ୍ଗଲ ଭିତରେ କାଠ ମାଫିଆମାନେ କରତ ସାହାଯ୍ୟରେ ଶାଳ ଗଣ୍ଡି କାଟୁଥିବା ନେଇ ବିଶେଷ ସୂତ୍ରରୁ ଖବର ମିଳିଥିଲା। ବନପାଳ ସରିତା ବରାଳ, ବନରକ୍ଷୀ ଶୁଭେନ୍ଦୁ ପ୍ରସାଦ ନାୟକ, ଧରଣୀଧର ନାୟକ, ଅବିନାଶ ସାହୁ, ବନସୁରକ୍ଷା ବାହିନୀ ସହିତ ମଙ୍ଗଳବାର ରାତ୍ର ୧୦ଟାରେ ଚଡ଼ାଉ କରିଥିଲେ। ଦୁର୍ବୃତ୍ତମାନେ କାଠ ଛାଡ଼ି ଫେରାର୍ ହୋଇଯାଇଥିଲେ। ବନ ବିଭାଗ ୧୧ଖଣ୍ଡ କାଠକୁ ଜବତ କରି ଏ ନେଇ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

## ଜିଲାସ୍ତରୀୟ ମହୋତ୍ସବ 'ସରଗିଫୁଲ'



ଉତ୍ସବରେ ଛାତ୍ରୀଛାତ୍ର ଏବଂ ଅତିଥିବୃନ୍ଦ।

**ଦଶପଲ୍ଲା,୨୦।୧୧(ଡି.ଏନ୍.ଏ.)**

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ବୁଗୁଡ଼ାସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ ଅନୁଷ୍ଠିତ ହୋଇଯାଇଛି। ଏହି ଶିଶୁ ମହୋତ୍ସବରେ ୨୪ ବିଦ୍ୟାଳୟର ୩୮୦ ଜଣ ଛାତ୍ରୀଛାତ୍ର ଭାଗନେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରୁ ୨୮ ଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ମନୋନିତ ହୋଇଛନ୍ତି।

ବିଦ୍ୟାଳୟ ପରିସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲାପାଳ ଡ. ପୋମା ଟୁଡୁ, ସମ୍ମାନିତ ଅତିଥି ରୂପେ ଦଶପଲ୍ଲା ତହସିଲଦାର ପ୍ରମୋଦ କୁମାର ଦଳବେହେରା, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସୀମାଞ୍ଚଳ ବେହେରା, ବ୍ଲକ ଅଧକ୍ଷା ସୁନନ୍ଦା ସାହୁ, ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ନାୟକ, ସମିତି ସଭ୍ୟ ପ୍ରତିମା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ କଲ୍ୟାଣ ଅଧିକାରୀ ସମୀର କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ହାଇସ୍କୁଲ ପ୍ରଧାନଶିକ୍ଷକ ବିଭୂତିଭୂଷଣ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ■ ଟ୍ରକ ଧକ୍କାରେ ୨ନାବାଳିକା ଗୁରୁତର

# ଦିନରେ ଭାରିଯାନ ଚଳାଚଳ ବନ୍ଦ ଦାବିରେ ରାସ୍ତା ଅବରୋଧ

**ବୋଲଗଡ,୨୦।୧୧(ଡି.ଏନ.ଏ.)**

ରାଜସୁନାଖଳା ଧଳାପଥର ପୂର୍ତ୍ତ ରାସ୍ତାର ବୋଲଗଡ ଥାନା ବାଙ୍କୋଇ ଫାଣ୍ଡି ଅନ୍ତର୍ଗତ ହାଟବସ୍ତ ଗ୍ରାମଠାରେ ବୁଧବାର ଏକ ଟ୍ରକ ଧକ୍କାରେ ୨ଜଣ ନାବାଳିକା ଗୁରୁତର ହୋଇଛନ୍ତି। ସେମାନେ ହେଲେ ହାଟବସ୍ତ ଗ୍ରାମର ସୁଶାନ୍ତ ଚମ୍ପତିଙ୍କ ଝିଅ ବିଷ୍ଣୁପ୍ରିୟା (୭)ଏବଂ ପପୁ ମାଝୀଙ୍କ ଝିଅ ଟୁଇଙ୍କିଲ (୭)। ଗୁରୁତର୨ ନାବାଳିକାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ଏହି ରାସ୍ତାରେ ଜନଗହଳି ସମୟରେ ଭାରିଯାନ ଚଳାଚଳ ବନ୍ଦ ଦାବିରେ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।

ପ୍ରକାଶ ଯେ,ଉକ୍ତ ରାସ୍ତାରେ ୨ଜଣ ନାବାଳିକା ଯାଉଥିବା ବେଳେ ଏକ ଚିପ୍ସ ବୋଝେଇ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ଗୁରୁତର ହୋଇଛନ୍ତି। ଉକ୍ତ ରାସ୍ତାରେ ପ୍ରତ୍ୟହ ୨ଚକିଆ ଠାରୁ ଆରମ୍ଭ କରି ବହୁ ସଂଖ୍ୟାରେ ଭାରିଯାନ ଚଳାଚଳ କରୁଛି। ସକାଳ ଠାରୁ ରାତ୍ରି ୯ଟା ପର୍ଯ୍ୟନ୍ତ ରାସ୍ତାରେ ଗହଳି ରହୁଛି। ମାତ୍ର ରାସ୍ତା ମରାମତି ଅଭାବରୁ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଫଳରେ ଏହି ରାସ୍ତାରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ସକାଳଠାରୁ ରାତି ପର୍ଯ୍ୟନ୍ତ ଏହି ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ ରହିବା ଦାବିରେ ହାଟବସ୍ତଠାରେ ରାସ୍ତା ଅବରୋଧ କରାଯାଇଛି। ରାସ୍ତା ଅବରୋଧ ଖବର ପାଇ ବାଙ୍କୋଇ ଫାଣ୍ଡି ପୋଲିସ ଏବଂ ଆରଆଇ ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ପରେ ତହସିଲଦାର ମୋନାଲିସା ପଣ୍ଡା ପହଞ୍ଚି ରାସ୍ତାଅବରୋଧକାରୀଙ୍କ ସହ ଆଲୋଚନା କରି ବୁଝାସୁଝା କରିଥିଲେ। ଦୀର୍ଘ ପ୍ରାୟ ୪ଘଣ୍ଟା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଫଳରେ ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଯାନବାହନ ଯାତାୟାତ କରିଥିଲା।



ଟାୟାର ଜାଳି ଗ୍ରାମବାସୀଙ୍କ ରାସ୍ତା ଅବରୋଧ।

## କୃଷକ ସଂଘର୍ଷ ସମନ୍ୱୟ ସମିତିର ଆନ୍ଦୋଳନ ଡାକରା

**ପୁରୀ ଅଫିସ, ୨୦।୧୧**

ସର୍ବ ଭାରତୀୟ କୃଷକ ସଂଘର୍ଷ ସମନ୍ୱୟ ସମିତି ପୁରୀ ଜିଲାର ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୃଷକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବାତ୍ୟାରେ ପୁରୀ ଜିଲାର ଶତାଧିକ କୃଷକ ପ୍ରଭାବିତ ହୋଇଛନ୍ତି। ଶତାଧିକ ଚାଷ ଜମି ନଷ୍ଟ ହୋଇଛି। କ୍ଷୟକ୍ଷତି ଆକଳନ ଠିକ ଭାବେ କରାଯାଇନାହିଁ। ଚାଷୀଙ୍କୁ ଉପଯୁକ୍ତ କ୍ଷତିପ୍ରଦାନ କରା ନ ଗଲେ, ଆଗାମୀ ଡିସେମ୍ବର ୪ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି।

## ବିଜୁ ଯୁବବାହିନୀ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ

**ଖଣ୍ଡପଡ଼ା,୨୦।୧୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଖଳିସାହିର ବିଜୁ ଯୁବବାହିନୀ ପକ୍ଷରୁ ବୁଧବାର ସଡକ ସୁରକ୍ଷା ନେଇ 'ରକ୍ଷକ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା-କଣ୍ଟିଲୋ ପୂର୍ତ୍ତ ବିଭାଗ ରାସ୍ତାରେ ବିଜୁ ଯୁବବାହିନୀ ସଦସ୍ୟମାନେ ବିଭିନ୍ନ ଯାନବାହନ ଚାଳକଙ୍କୁ ଅଟକାଇ ନିରାପଦ ଗାଡି ଚାଳନା ପାଇଁ ସଚେତନ କରିଥିଲେ। ବାଇକ୍ ଚାଳନା ବେଳେ ହେଲମେଟ ଓ ୪ ଚକିଆ ଯାନ ଚାଳନା ବେଳେ ସିଟ୍‌ବେଲ୍ଟ ବ୍ୟବହାର ସହିତ ମାଦକ ଦ୍ରବ୍ୟ ସେବନ ନ କରିବାକୁ ବୁଝାଇଥିଲେ। ସର୍ବଦା ଟ୍ରାଫିକ ନିୟମ ମାନିବାକୁ ପରାମର୍ଶ ଦିଆଯାଇଥିଲା। ଖଣ୍ଡପଡା ବିଡିଓ ପ୍ରମୋଦ କୁମାର ନାୟକ, ଖଣ୍ଡପଡା ଥାନାର ସନ୍ତୋଷ କୁମାର ସୁବୁଦ୍ଧି ଓ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରାଜ୍ୟ ସରକାର ଲାଗୁ କରିଥିବା ନୂତନ ଆଇନକୁ କିଭଳି କଡାକଡି ଭାବେ ପାଳନ କରାଯିବ ସେ ନେଇ ପୋଲିସ ଅଧିକାରୀଙ୍କ ସମେତ ବିଜୁ ଯୁବବାହିନୀ ସଭାପତି ଅଜୟ କୁମାର ସାହୁ, ବ୍ଲକ ସଂଯୋଜକ ରାକେଶ ପତି, ସମ୍ପାଦକ କସ୍ତୁରୀ ସାହୁ ପ୍ରମୁଖ ଲୋକଙ୍କୁ ସଚେତନ କରିଥିଲେ। 'ରକ୍ଷକ' କାର୍ଯ୍ୟକ୍ରମ ଜରିଆରେ ସର୍ବସାଧାରଣଙ୍କୁ ସଡକ ସୁରକ୍ଷା ଅଭିଯାନ ସମ୍ପର୍କରେ ସଚେତନ କରାଯିବାର ଗୁରୁ ଦାୟିତ୍ୱ ବିଜୁ ଯୁବ ବାହିନୀ ଉପରେ ନ୍ୟସ୍ତ କରାଯାଇଥିବା ବିଡିଓ ସୂଚନା ଦେଇଥିଲେ।



କାର୍ଯ୍ୟକ୍ରମରେ ବିଜୁ ଯୁବବାହିନୀର ସଦସ୍ୟମାନେ।

## ଭାଜପାର ସାଙ୍ଗଠନିକ ବୈଠକ, କର୍ମକର୍ତ୍ତା ନିର୍ବାଚନ

**ବାଲୁଗାଁ,୨୦।୧୧(ଡି.ଏନ.ଏ.)**

ବାଲୁଗାଁସ୍ଥିତ ଉମାମହେଶ୍ୱର କଲ୍ୟାଣ ମଣ୍ଡପଠାରେ ବୁଧବାର ବାଲୁଗାଁ ଏନ୍‌ଏସି ଭାଜପା ପକ୍ଷରୁ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱିରାଜ ହରିଚନ୍ଦନ, ଖୋର୍ଦ୍ଧା ଜିଲା ଭାଜପା ସାଂଗଠନିକ ନିର୍ବାଚନ ଅଧିକାରୀ ନିରଞ୍ଜନ ମିଶ୍ର, ଜିଲା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ନୂତନ ସଭାପତି ଭାବେ ସତ୍ୟନାରାୟଣ ସେନାପତିଙ୍କୁ ନିଯୁକ୍ତି କରାଯାଇଥିଲା। ଯୁଗ୍ମ ସମ୍ପାଦକ ଭାବେ ପ୍ରଶାନ୍ତ ସାହୁ ଓ ନିରଞ୍ଜନ ସେଠୀଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ପୂର୍ବତନ ସଭାପତି ରାମଚନ୍ଦ୍ର ପଲାଇଙ୍କୁ ଜିଲା କାର୍ଯ୍ୟକାରୀ କମିଟି ପ୍ରତିନିଧି ନିର୍ବାଚିତ କରାଯାଇଛି। ଆସନ୍ତା ପୌର ନିର୍ବାଚନ ଉପଲକ୍ଷେ ଦଳକୁ ବୁଥ୍‌ସ୍ତରରୁ କିପରି ସୁଦୃଢ଼ କରାଯିବ ସେ ବିଷୟରେ ନେତୃମଣ୍ଡଳୀ ମତ ରଖିଥିଲେ। ଧନ୍ୟବାଦ ଦେଇଥିଲେ ପୂର୍ବତନ ଉପସଭାପତି ବିଭୁତେନ୍ଦୁ ପ୍ରଧାନ। ସମସ୍ତ ୧୧ ୱାର୍ଡ଼ରୁ ଦୁଇଶହରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଯୋଗଦେଇଥିଲେ।

## ■ ରଣପୁରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# ଯୋଗଦେଲେ ୪୭୦ ଭିନ୍ନକ୍ଷମ

**ରଣପୁର, ୨୦।୧୧ (ସ୍ୱ.ପ୍ର.)**

ରଣପୁର ବ୍ଲକ ତରଫରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ବ୍ଲକ ମୁଖ୍ୟାଳୟର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିର ସକାଳ ୮ଟାରେ ଆରମ୍ଭ ହେବ ବୋଲି ପ୍ରଶାସନ ତରଫରୁ ଜନସାଧାରଣ ଓ ବିଭିନ୍ନ ସରକାରୀ ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିଲା। ସେହି ଅନୁଯାୟୀ ଶତାଧିକ ଭିନ୍ନକ୍ଷମ ଓ ତାଙ୍କ ସମ୍ପର୍କୀୟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ ମଧ୍ୟ କୌଣସି ଡାକ୍ତର କିମ୍ବା କର୍ମକର୍ତ୍ତାଙ୍କ ଦେଖା ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। କୌଣସି ଟେଣ୍ଟ କିମ୍ବା ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯାଇ ନ ଥିବାରୁ ଦୂରଦୂରାନ୍ତରୁ ଆସିଥିବା ଲୋକେ ଖରାରେ ହଇରାଣ ହୋଇଥିଲେ। ଦିନ ସାଢେ ୧୦ଟା ସୁଦ୍ଧା ରୋଗୀମାନଙ୍କ ନାମ ପଞ୍ଜୀକରଣ କରାଯାଇ ନ ଥିଲା। ବିଳମ୍ବରେ ଡାକ୍ତରମାନେ ଆସି ନାମ ପଞ୍ଜୀକରଣ କରିଥିଲେ। ସମୁଦାୟ ୪୭୦ ଜଣ ରୋଗୀ ସେମାନଙ୍କ ସ୍ୱାସ୍ଥ୍ୟ ଦେଖାଇ ଭିନ୍ନକ୍ଷମ ଚିହ୍ନଟ ହୋଇଥିଲେ। ଅସ୍ଥି ବିଭାଗରୁ ୨୫୭, ଦୃଷ୍ଟି ବାଧିତ ୫୮, ଶ୍ରବଣ ବାଧିତ ୮୮, ମାନସିକ ଅନଗ୍ରସର ୫୬ ଓ ଭେଷଜ ବିଭାଗରୁ ୧୧ ଜଣ ଭିନ୍ନକ୍ଷମ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡାକ୍ତର ବୈଦ୍ୟନାଥ ନନ୍ଦ, ପ୍ରସନ୍ନ ପ୍ରସାଦ ସାହୁ, ପୀତବାସ ନାୟକ, ଶତ୍ରୁଘ୍ନ ନାୟକ ପ୍ରମୁଖ ଉପସ୍ଥିତ ରହି ରୋଗୀଙ୍କୁ ପରୀକ୍ଷା କରିଥିଲେ। ଗତବର୍ଷ ଏହି ଶିବିର ମାଧ୍ୟମରେ ଚିହ୍ନଟ ହୋଇଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଅଦ୍ୟାବଧି ପ୍ରମାଣପତ୍ର ମିଳି ନ ଥିବା ସେମାନଙ୍କ ସମ୍ପର୍କୀୟଙ୍କଠାରୁ ଜାଣିବାକୁ ମିଳିଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିବେଦିତା ଜାନିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶିବିରରେ ବ୍ଲକ ଅଧୀନ ୩୭ ପଞ୍ଚାୟତ ମଧ୍ୟରୁ ୨୬ ଓ ରଣପୁର ଏନ୍‌ଏସିର ହିତାଧିକାରୀମାନେ ଯୋଗଦେଇଥିଲେ। ତେବେ ଏହି କାର୍ଯ୍ୟକ୍ରମ ବିଷୟରେ ଲୋକ ପ୍ରତିନିଧି ଓ ସମିତିସଭ୍ୟମାନଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବାରୁ ବ୍ଲକ ଉପାଧକ୍ଷ ପ୍ରଶାନ୍ତ ନାୟକ କ୍ଷୋଭ ପ୍ରକାଶ କରିଛନ୍ତି। ଏ ବିଷୟରେ ରଣପୁର ବିଡିଓ ରଶ୍ମିରେଖା ଦାସଙ୍କୁ ପଚାରିବାରୁ ସେ ଶିବିର ଠିକ୍‌ଠାକ ଚାଲିଥିଲା ବୋଲି କହିଥିଲେ।



ଶିବିରରେ ଯୋଗ ଦେଇଥିବା ଅଧିକାରୀମାନେ।

# ଶୁଖୁଆକୁ ବୋହୂ ସଜାଇ ମୁଣ୍ଡିଆ ମାରିଲେ ଶାଶୁ

## ଭିନ୍ନ ପରମ୍ପରା କାଞ୍ଜିଅଁଳା

**ଖଣ୍ଡପଡ଼ା,୨୦।୧୧(ସ୍ୱ.ପ୍ର.)**

ବୁଧବାର ସନ୍ଧ୍ୟାରେ ଖଣ୍ଡପଡା ବ୍ଲକର କଣ୍ଟିଲୋ ଓ ଆଖପାଖ ଅଞ୍ଚଳରେ କାଞ୍ଜିଅଁଳା ପର୍ବ ପାଳିତ ହୋଇଯାଇଛି। ଏହି ପର୍ବରେ ଶୁଖୁଆକୁ ବୋହୂ ସଜାଇ ଶାଶୁ ମୁଣ୍ଡିଆ ମାରିବା ଭଳି ଭିନ୍ନ ଏକ ପରମ୍ପରା ଦେଖିବାକୁ ମିଳିଥିଲା। ଭାରତୀୟ ସଂସ୍କୃତିରେ ଶାଶୁ ଶ୍ୱଶୁର, ମାତାପିତା ହେଉଛନ୍ତି ଘରର ମୁରବି। ହେଲେ ଆଜିର ଏହି ଓଷାରେ ବିପରୀତ ଚିତ୍ର ଦେଖିବାକୁ ମିଳେ। କାଞ୍ଜିଅଁଳାର ବିଶେଷତ୍ୱ ହେଉଛି କଖାରୁ, ମୂଳା, ବାଇଗଣ, ଦହି, ଆମ୍ବିଳି ତୋରାଣି, ଚାଉଳ ଚୁନା ପେଜରେ ପ୍ରସ୍ତୁତ ହୋଇଥାଏ କାଞ୍ଜି। କାଞ୍ଜି ସହିତ ଘରେ ରୋଷେଇ ହୋଇଥିବା ତରକାରି, ଭାତ, ଡାଲି ପୂଜା ହୋଇଥାଏ ଏହିଦିନ। ସାହିର ମହିଳାମାନେ ଏକାଠି ହୋଇ ଗାଁ ଦାଣ୍ଡରେ ଏକ ଆୟତାକାର ଛୋଟିଆ ପୋଖରୀ ପ୍ରସ୍ତୁତ କରିଥିଲେ। ପିତା ଶୁଖୁଆ ୭ଟିକୁ ସ୍ନାନ କରାଇ ହଳଦୀରେ ବୁଡାଇ ରଖିଥିଲେ। ପରେ ସେଥିରେ କଜଳ, ସିନ୍ଦୂର ଲଗାଇ ବୋହୂ ଭାବେ ପୂଜା ବେଦୀରେ ସ୍ଥାପନ କରିଥିଲେ। ସେଠାରେ ପିଠା, ଭାତ, ତରକାରି ଓ ମୁଢି ଆଦିକୁ ପୂଜା କରିଥିଲେ। ପୋଇ ଡାଳକୁ ଖଡୁ ଭାବେ ମଧ୍ୟ ପୂଜା କରାଯାଇଥିଲା। କାଞ୍ଜିଅଁଳାର ଅନ୍ୟ ଏକ ବିଶେଷତ୍ୱ ହେଉଛି କାଞ୍ଜି ଶୀତଦିନେ ଖାଇବା ଦ୍ୱାରା ଶରୀରକୁ ବହୁତ ଉପକାର ମିଳିଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ପ୍ରାୟ ପ୍ରତ୍ୟେକଙ୍କ ଘରେ ଭାତ ସାଙ୍ଗରେ ଡାଲି, ତରକାରି ହୋଇଥିଲେ ସୁଦ୍ଧା କାଞ୍ଜି ପ୍ରସ୍ତୁତ ହୋଇଥିବା ଦେଖାଯାଏ।



ମହିଳାମାନେ କାଞ୍ଜିଅଁଳା ପୂଜା କରୁଛନ୍ତି।